CC0. In Public Domain, Digitizagtion by eGangotri

# ଓଡ଼ିଶୀ ନୃତ୍ୟ ପରିଚୟ

ଶ୍ରୀ ଗୋପାଳ ଚନ୍ଦ୍ର ପଣ୍ଡା

ग्रन्थालय
ी, वाराणसी-५

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

# ଓଡ଼ିଶୀ ରାଗ ପରିଚୟ

With Respect
Presented to
Dr. Premlata Sharma

आम्नाय-अध्ययन
भरतनिधि, वाराणसी
वाराणसी-5

ଶ୍ରୀ ଗୋପାଳ ଚନ୍ଦ୍ର ପଣ୍ଡା

ମୁଖ୍ୟ ଅଧ୍ୟାପକ, ଓଡ଼ିଶୀ ଜଣସଂଗୀତ ବିଭାଗ
ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର

From:
Gopal Ch. Panda
27.11.98

ପ୍ରକାଶିକା :

ଶ୍ରୀମତୀ ଭଗବତୀ ପଣ୍ଡା
କୋଟିତୀର୍ଥ ସେତ
ଭୁବନେଶ୍ୱର-୭୫୧୦୦୨

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

# ଓଡ଼ିଶୀ ରାଗ ପରିଚୟ

ପ୍ରଣେତା :

ଶ୍ରୀ ଗୋପାଳ ଚନ୍ଦ୍ର ପଣ୍ଡା

ଅଧ୍ୟାପକ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶିକା :

ଶ୍ରୀମତୀ ଭଗବତୀ ପଣ୍ଡା

କୋଟିତୀର୍ଥ ରୋଡ, ଭୁବନେଶ୍ୱର-୭୫୧୦୦୨

ପ୍ରକାଶିକାଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ।

ପ୍ରଚ୍ଛଦ :

ପ୍ରଥମ ସଂସ୍କରଣ :

୧୦୦୦, ୧୯୯୩

ମୁଦ୍ରଣ :

କ୍ରିଏସନ୍ ପ୍ରିଣ୍ଟିଂ ଇଣ୍ଡଷ୍ଟ୍ରିଜ୍, ଭୁବନେଶ୍ୱର-୨

ମୂଲ୍ୟ ଚଳ୍ଲିଶ ମାତ୍ର।

# ODISSI RAGA PARICHAYA

Written by :
SRI GOPAL CHANDRA PANDA
Prof. Utkal Sangeet Mahavidyalaya, Bhubaneswar

Published by :
SMT. BHAGABATI PANDA
Kotitirtha Road, Bhubaneswar-751002

1st Edition :

1000. 1993

Printed at :

Creation Printing Industries, Bhubaneswar-2

**Rupees Forty only**

Dr. Urmila Sharma Collection, Varanasi

CC0. In Public Domain. Digitizagtion by eGangotri

ଭାରତନିଧି, କରୋଦି
ବାରାଣସୀ-5



## * ଉତ୍ସର୍ଗ *

ଆଜିର ଏ ଓଡ଼ିଶୀ ସଙ୍ଗୀତର
ଆଦ୍ୟ ଆଚାର୍ଯ୍ୟ,
ସ୍ୱର୍ଗୀୟ ଗୁରୁ ଗାୟକରତ୍ନ
ସିଂହାର ଶ୍ୟାମସୁନ୍ଦର କର

ମୁଁ ଜାଣେନା, କାହିକି ଆପଣ ଏତେ ସ୍ନେହ ଏତେ ଆପଣାଛ କରି ମଧ୍ୟ, ଏତେ ନିଷ୍ଠୁର ଭବେ ଏ କଣ୍ଟକିତ ପଥରେ ଗଲିବାକୁ ମତେ ଅସ୍ପଷ୍ଟ ନିର୍ଦ୍ଦେଶ ଦେଲେ ।

ଦିନେ ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧେ ମୋର ଗୋଟିଏ ପ୍ରଶ୍ନର ଆପଣ ଖୁବ୍ ବ୍ୟସ୍ତ ଓ ଭବପ୍ରବଣ ଭବେ କହିଥିଲେ—"ହଉରେ, ସବୁ ପ୍ରଶ୍ନ ମତେ କାହିକି ? ତୁ କ'ଣ ଓଡ଼ିଆ ପିଲ ନହେଁ; ସତରେ ତୁ ଯଦି ଓଡ଼ିଆ ପୁଅ ଅଟେ, ତେବେ ଓଡ଼ିଶୀ ସଙ୍ଗୀତ ପାଇଁ କିଛି କରୁନ୍ କାହିକି ? ମୁଁ ଜାଣେ ଓଡ଼ିଶୀ ସଙ୍ଗୀତ ଏକ କୁଗଳ ଚକ୍ର । ଠିକ୍ ଯେମତି ଆମ କାଳିଆ ସାଆନ୍ତ ଚକାଡୋଳାର ଆଖି ପରି, ତାକୁ ଗହଁ। କିଛି ପାଇବୁ ।"

ସେଇଦିନ୍ ସେଇ ଗୁରୁମନ୍ତ୍ର କୁଗଳ, (ଓଡ଼ିଶୀ ସଙ୍ଗୀତର ଅଷ୍ଟିରୂପକ ଗମକ କୁଗଳ) ଶବ୍ଦକୁ ପାଥେୟ କରି ମୁଁ ଆଗକୁ ଗଲିଛି ।

ଖୁବ୍ ନମ୍ର ଭବେ ଆଜି ମୁଁ ଆଶା କରୁଛି, ଆପଣଙ୍କ ନିର୍ଦ୍ଦେଶମତେ କିଞ୍ଚିତ୍ କର୍ତ୍ତବ୍ୟ ମୁଁ କରିପାରିଛି । ତେଣୁ ଆପଣଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ ସେଇ କ୍ଷୁଦ୍ର ଭେଟିଟିକୁ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରୁଛି ।

ଶତ ପ୍ରଣାମ ସହ
ଆପଣଙ୍କ ଅଧମ ଛାତ୍ର
ଗୋପାଳ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମୋର ପଞ୍ଚତନ ଛାତ୍ର କଲ୍ୟାଣୀୟ ଶ୍ରୀମାନ୍ ବାବୁ ଗୋ ପା ଳ ର ସ ଙ୍ଗୀ ତ କଳା ପ୍ରତି ବିଶେଷ ଆଗ୍ରହ ଥିବା ତାର ବାଲ୍ୟ କାଳରୁ ଜଣାଯାଇ-ଥିଲ । ଏହା ମଁ ତାଙ୍କ ଗ୍ରାମ ଗମକୃଷ୍ଣପୁର (ବାଲୁର) ଯାତ୍ରା ଦଳରେ ମାଷ୍ଟ୍ରୀ କଲ୍ଲ ଦିନଠାରୁ ଜାଣି ପାରିଥିଲି । ସଙ୍ଗୀତ କଳା ପ୍ରତି କେବଳ ଯେ ତାର ଆଗ୍ରହ ଥିଲା ସେତିକି ନୁହେଁ, ଏ ବିଗରେ ତାର ଏକ ବିଶେଷ ପ୍ରତିଭ ଥିବା ମୁଁ ସେତେବେଳେ ତାଠାରେ ଦେଖିପାରିଥିଲି । ସେତେବେଳେ ସେ ମାତ୍ର ୮।୧୦ ବର୍ଷର ପିଲ । ଘରଠାରୁ ଅନ୍ତଦୂର ଛାଡ଼ି ତାଙ୍କ ଠାକୁର ବଙ୍ଗଳା ଆଖଡ଼ା ଘରେ ଯେଉଁ ନାଚଗୀତ ଶିଖାଯାଉଥିଲ, ତାହାକୁ ସେ ଥରେ ଥରେ ଶୁଣି ମନେରଖି ନିର୍ଭୁଲଭବେ ଗାଇ ପାରୁଥିଲ । ଏହା ଦେଖି ମଁ ମନେ ମନେ ଖୁବ୍ ଆଶ୍ଚର୍ଯ୍ୟ ହେଉଥିଲି ।

ଗୋପାଳର ଜନ୍ମ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ । ଗୋପାଳର ଗୋସିବାପା କାଶୀ ଗଣ୍ଡା ଥିଲେ ସେ କାଳର ଜଣେ ବିଖ୍ୟାତ ମୃଦଙ୍ଗ ବାଦକ । ତାଙ୍କ ପିତା ୬ ନୀଳମଣି ପଣ୍ଡା ଥିଲେ ଜଣେ ଛାନ୍ଦ, ଚଉପଦୀ ଓ କୀର୍ତ୍ତନ ଗାୟକ । ଏକତାର ବଜେଇ ସେ ଚନକ୍ରାର କୀର୍ତ୍ତନ ଗାନ କରି ପାରୁଥିରେ । ମାମଁ ୬ ଭେଳାନାଥ ତିଆଡ଼ି ଥିଲେ ସେ କାଳର ଜଣେ ବିଖ୍ୟାତ ପାଲ ଗାୟକ । ଦଦେଇ ପୁଅ ଭଇ ୬ ଗୌରହରି ପଣ୍ଡା ଓ ୬ କୋଇଲି ପଣ୍ଡା ଉଭୟେ ଥିଲେ ସେ ଅଞ୍ଚଳର ଦୁଇଜଣ ବିଖ୍ୟାତ ଛାନ୍ଦ, ଚଉପଦୀ, ଚମ୍ପୁ ଆଜିର ନାମକଗ ଗାୟକ । ଗୋପାଳର ନିଜ ବଡ଼ଭଇ ଶ୍ରୀ ନନ୍ଦକିଶୋର ପଣ୍ଡା (ମୋର ତତ୍କାଳୀନ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଛାତ୍ର ତଥା ମୁଖ୍ୟ ସହଯୋଗୀ) ମଧ୍ୟ ଜଣେ ମଧୁର କଣ୍ଠର ସୁଗାୟକ । ସମ୍ଭବତଃ ଏହି ସବୁ ବଂଶାନୁକ୍ରମିକ ରକ୍ତର ସମ୍ପର୍କ ହେତୁ ଗୋପାଳଠାରେ ଏ କଳା ପ୍ରତିଭ ସମ୍ଭବ ହୋଇଥିଲ । ମୁଁ ତାଙ୍କ ଗାଁ ନାଚ ପାଟିରେ ଦୀର୍ଘ ୧୦।୧୨ ବର୍ଷ ମାଷ୍ଟୀ କରିଛି । ଗୋପାଳ ସେତେବେଳେ ଗାଁ ସ୍କୁଲରେ ପାଠ ପଢୁଥିଲ । ପରିବାର ତଥା ବଡଘଇଙ୍କ କଡା ବାରଣ ସତ୍ତ୍ୱେ ମଧ୍ୟ ସେ ଲୁଚି ଛପି ମୋଠାରୁ ସଙ୍ଗୀତ ଶିକ୍ଷା କରିଥିଲ । ତା'ର ପ୍ରତିଭରେ ମୁଗ୍ଧ ହୋଇ ମୁଁ ମଧ୍ୟ ଶିକ୍ଷା ଦେଉଥିଲି । ବିଧିର ଗତି ବିଚିତ୍ର । ଗୋପାଳର ସଙ୍ଗୀତ ପ୍ରତି ଆଗ୍ରହ ଓ ପୂର୍ବ ପ୍ରତିଭ ତଥା ବିଭୁକୃପା ତାକୁ ଆଜି ବହୁ ଉଚ୍ଚ ସ୍ତରକୁ ନେଇପାରିଛି । ଗଲ ୪।୫ବର୍ଷ ଧରି ସେ ମୋ ପାଖକୁ ବାରମ୍ବାର ଆସିଛି । ପୁରୁଣା ଛାନ୍ଦ, ଚମ୍ପୁ, ତଥା ପୁରୁଣାକାଳିଆ ଓଡ଼ିଶୀ ଗୀତମାନ ବାରମ୍ବାର ଶୁଣି ସେଗୁଡ଼ିକର ସ୍ୱର ଆଦି ସମ୍ବନ୍ଧରେ ବହୁ ପ୍ରଶ୍ନ କରି ତା'ଲ ସ୍ୱରଲିପି କରିଛି । ମୁଁ ଜାଣିଥିବା ମୋର ଶ୍ରୁତିଗୋଚର ଥିବା ଗାନ ଓ ମୋର ଶ୍ରା ଗୁରୁବର୍ଗ ପୂଜ୍ୟ (ଗୋସେଇଁ) ୬ ମୋହନ ଗୋସ୍ୱାମୀ, ସୁଧୀର ଘୋଷ, ମନମୋହନ ସାବତ, କୃଷ୍ଣପ୍ରସାଦ ବସୁ ଓ ପଗେଷ୍ଟ ଭବେ ହାଡ଼ିବନ୍ଧୁ ଦାସ, ସନେଇ ପାଳ ଆଦି ମାନଙ୍କ କୃପାରୁ ମୁଁ ଯାହା ଶିକ୍ଷା ଓ ଶୁଣି ସଂଗ୍ରହ କରିଥିଲି । ସେଗୁଡ଼ିକ ଗୋପାଳକୁ କହିଛି । ଏବେ ମୁଁ ଦେଖୁଛି, ସେଦିନ ମୁଁ ଆଷ୍ଟର୍ଯ୍ୟ ମନେ କରୁଥିବା ଓ ସମୟେ ସମୟେ ବିରକ୍ତି ବୋଧ କରୁଥିବା ବିଷୟମାନ ଆଜି ଏକ ଅମୂଲ୍ୟ ପୁସ୍ତକ ଭବେ ପ୍ରକାଶିତ ହେବାକୁ ଯାଉଛି ।

ଏହା ଦେଖି ମୁଁ ଆଜି ଅତ୍ୟନ୍ତ ଆନନ୍ଦ । ଜଗନ୍ନାଥଙ୍କୁ ପ୍ରାର୍ଥନା, ଗୋପାଳର ଏ ସାଧନା ସଫଳ ହେଉ । ଡୁବି ଯାଉଥିବା ଉତ୍କଳୀୟ ରଗରଗିଣୀମାନ ପ୍ରକାଶିତ ହେଉ । ଗୋପାଳ ଦୀର୍ଘଜୀବୀ ହେଉ । ଉତ୍କଳୀୟ ସଙ୍ଗୀତର ପୁନରୁଦ୍ଧାର କରୁ । ଏହାହିଁ ମୋ ର ତାକୁ ଆନ୍ତରିକ ଆଶୀର୍ବାଦ ।

ଶ୍ରୀ ଦାମୋଦର ପଣ୍ଡା (ଦାମ ମାଷ୍ଟ୍ରେ)
ତା ୩୧ । ୬ । ୯୩

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri





ଇଚ୍ଛାମୟ ହରି, ଯାହା ତାଙ୍କ ଇଚ୍ଛା । ତାହାହିଁ ହୁଏ । ତାହାହିଁ ହେଲ । ମୋର ବହୁ ଚେଷ୍ଟା, ବହୁ ମାଡ଼ ଘାଇଁ ଆଦି ନିର୍ଯ୍ୟାତନା ସତ୍ତେ୍ୱ ମଧ୍ୟ ଗୋପାଳ ଗୀତ ଗାଇଲ । ମୋର ମୋଟେ ଇଚ୍ଛା ନଥିଲ, ଗୋପାଳ ଗୀତ ବାଜା ଲଇନ୍‌ରୁ ଯାଉ । କାରଣ, ବାପା ଗୋସିବାପାଙ୍କ ଅମଳରୁ ଆମ ଘରେ ଗୀତ ବାଜା ରହି ଆସିଥିଲ । ମୁଁ ମଧ୍ୟ ସେଇ ସଙ୍ଗୀତ ଭୂତ ପାଇରେ ପଡ଼ି ଜମିବାଡ଼ି ଘରଦ୍ୱାର କଥା ନବୁଝିବାରୁ ମୋର ବହୁ କ୍ଷତି ହେଇଛି । ତେଣୁ ମୁଁ ଗ୍ରହୁଁଥିଲି ମୋ ପରେ ଆମ ଘରେ ଆଉ ସେ ସଙ୍ଗୀତ ନ ପଶୁ । ଗୋପାଳ ପାଠ ପଢି ଗୁକିରି ବାକିରି କରୁ ।

କିନ୍ତୁ ତାହା ହେଲନାହିଁ । ମୋର ସମସ୍ତ ବାଧା ସତ୍ତେ୍ୱ ଗୋପାଳ ଲୁଚିଛପି ଗୀତ ଶିଖିଲ ଏବଂ ସେଇଥିପାଇ ମଧ୍ୟ ଘରଛାଡ଼ି ପଳେଇଲ । ସେ ସଙ୍ଗୀତ ପାଇଁ ଯାହା କଷ୍ଟ ସହିଚି, ଅନ୍ୟ ପକ୍ଷରେ ତାହା ଏତେଟା ସହଜ ନୁହେଁ ।

ମୁଁ ଜାଣିଥିଲି ତା'ର ସଙ୍ଗୀତ କଳା ଥିଲ । ପିଲଦିନୁ ଘରେ ମୁଁ ଓ ମୋର ଭଉଣୀ ଗାଉଥିବା ଗୀତ— କହଇ ମନ ଆରେ ମୋ ବୋଲ କର, ଉଠ ନିଶି ପାହିଲ, କାହିଁ ଗଲେ ମୁରଲୀ ଫୁଙ୍କା, ଗଣି ତ ଘଲ କଥା, କି ହେଲରେ, ପଗ୍ଧର ସହି ଗୋ, ଦେଖିବ ପଗ, ଯେବେ ନବଘନ ତୁରେ, ଆଜ ଏକି ଗୁମାନ, କଦମ୍ବ ବନେ ବଂଶୀ; ମୋ ଗମା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ରମଣୀ ତୁ ରେ, ଦୁଇ କେ ଦୂଇବଦନୀ ଆଦି ଗୀତ ଗୁଡ଼ିକ ବିଶେଷ କରି ଶୁଣ ହରି ହେ ଆସିଲେ ମରମ ବିକଶି ଉଠିବ ଗୀତମାନ ଏପରି ସୁନ୍ଦର ଭବେ ଗାଇ ପାରୁଥିଲା ଯେ, କେବଳ ମୁଁ କାହିଁକି, ବାଟରେ ଚାଲିଗଲା ଲୋକେ ମଧ୍ୟ ଶୁଣି ଆଶ୍ଚର୍ଯ୍ୟ ହୋଇ ଠିଆ ହୋଇ ଯାଉଥିଲେ ।

ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ସବୁ ପରମେଶ୍ୱରଙ୍କ ଇଚ୍ଛା । ତାଙ୍କ କୃପାରୁ ଗୋପାଳ ଆଜି ପାଞ୍ଚ ଜଣରେ ଜଣେ । ବିଶେଷ କରି ସେ ଆଜି ଆମ ଜାତୀୟ ସମ୍ପଦ ପୁରାତନ ସଙ୍ଗୀତରେ ଉଦ୍ଧାର ପାଇଁ ମନ ବଳେଇଚି । ତେଣୁ ମୋର ବହୁ ଆନନ୍ଦ ।

ପ୍ରଭୁଙ୍କଠାରେ ମୋର ଏତିକି ପ୍ରାର୍ଥନା, ଠାକୁରେ ତାଙ୍କୁ ପରମାୟୁ ଦିଅନ୍ତୁ । ସେ ବାପ ଅଜାଙ୍କ ନାଁ ରଖୁ । ଭଲ ମଣିଷ ହେଉ । ଏତିକି ମୋର ଇଚ୍ଛା ।

ନନା

ଶ୍ରୀ ନନ୍ଦ କିଶୋର ଚନ୍ଦ୍ର

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ମୋର ପରମ ସ୍ନେହୀ ଏବଂ ପୁତ୍ର ପ୍ରତିମ ଛାତ୍ର ଶ୍ରୀମାନ୍ ଗୋପାଳ ଚନ୍ଦ୍ର ପଣ୍ଡା ବର୍ତ୍ତମାନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ମୁଖ୍ୟ ଅଧ୍ୟାପକ । କିଛି କାରଣବଶତ ମୁଁ ତାଙ୍କୁ ଓଡ଼ିଶୀ କଣ୍ଠ ସଙ୍ଗୀତରେ ବିଶେଷ ଗବେଷଣା ପାଇଁ ବ୍ୟକ୍ତିଗତ ଅନୁରୋଧ କରିଥିଲି । ମୋର ଗୁରୁ ଦକ୍ଷିଣାର ନିଦର୍ଶନ ସ୍ୱରୂପ ଆଜି ତାଙ୍କ ପ୍ରଣୀତ "ଓଡ଼ିଶୀ ରାଗ ପରିଚୟ" ପୁସ୍ତକଟି ପ୍ରକାଶ ପାଇବାକୁ ଯାଉଛି । ପୁସ୍ତକଟିରେ ଯେତେ ପାଇଥିବା ରାଗ ବିଷୟରେ ତଥା ସ୍ୱରଲିପି ସହିତ ଗାନ ଶିକ୍ଷା ଶେଷ କରି ମୁଁ ଆଜିର ପରିଣତ ବୟସରେ ଆନନ୍ଦ ବିଭୋର ।

ପୁସ୍ତକ ସନ୍ନିବେଶିତ ରାଗ ସମୂହ ଉତ୍କଳୀୟ ସଙ୍ଗୀତ ଶାସ୍ତ୍ର ଗତ ପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ ନାରୟଣ ଆଦି ଗ୍ରନ୍ଥ ମାନଙ୍କର ଆଧାରିତ ଆଭିରୀ, ଆମ୍ର ପଞ୍ଚମ (ରେଖି), ଦେବକିରି, ଦେଶପାଳ ଆଦି ସାମାନ୍ୟ ଗୋଟି ଶାସ୍ତ୍ରସମ୍ମତ ରାଗ ଓ ଆହାରୀ, କଲ୍ୟାଣ ଆହାରୀ, କାମୋଦୀ, କେଦାର ଗୌଡ଼ା, କେଦାର କାମୋଦୀ, ଖମ୍ବ କାମୋଦୀ, ଚିତ୍ତା କାମୋଦୀ, ଶୋଦ କାମୋଦୀ, ଚିତ୍ତ ଭୈରବ, ସିନ୍ଧୁ କାମୋଦୀ ଆଦି ୫୦ରୁ ଅଧିକ ଉତ୍କଳୀୟ ପ୍ରାଚୀନ ତଥା ନିଜସ୍ୱ ପାରମ୍ପରିକ ରାଗ । ପ୍ରସ୍ତୁତ ରାଗ ସମୂହ କବିସୂର୍ଯ୍ୟ, ବନମାଳୀ, ଗୋପାଳକୃଷ୍ଣ, ବେଣୁଧର ଆଦ ପ୍ରାଚୀନ କବି ମାନଙ୍କର କାବ୍ୟ କବିତାରେ ଏକାଧିକବାର ବର୍ଣ୍ଣିତ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଏ ପର୍ଯ୍ୟନ୍ତ ଆମର ଅବହେଳା ଓ ଅସାବଧାନତା ଜନିତ ତ୍ରୁଟି ବିଚ୍ୟୁତି ଯୋଗୁଁ ଏ ରାଗମାନଙ୍କ ପ୍ରତି ଆମେ ସବିଶେଷ ଦୃଷ୍ଟିପାତ କରିନ ହୁଁ । ତେଣୁ ଆମ ଓଡ଼ିଶୀ ସଙ୍ଗୀତ ପରମ୍ପରା ନିଜସ୍ୱ ରାଗରାଗିଣୀ ଗଢ଼ିବାରେ ମଳିନତା ଦେଖା ଦେଇଛି । ଏହା ଦୁଃଖ ଓ ପରିତାପର ସହ ଏଠାରେ ସ୍ୱୀକାର କରିବାରେ ମୋର ତିଳେ ମାତ୍ର ଦ୍ୱିଧା ନାହିଁ ।

ବର୍ତ୍ତମାନ ଆମ ଓଡ଼ିଶୀ ସଙ୍ଗୀତରେ ପ୍ରଚଳିତ ଥିବା ରାଗରାଗିଣୀ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ସମ୍ପ୍ରଦାୟର, ଏହା ସତ୍ୟ, ଉଦାହରଣ ସ୍ୱରୂପ ଏଠାରେ ଆମ ଓଡ଼ିଶୀ ସଙ୍ଗୀତରେ ଏବେ ପ୍ରଚଳିତ ଥିବା ରାଗ ସମ୍ବନ୍ଧରେ କିଛି ସ୍ପଷ୍ଟ କହିବା ଉଚିତ ମନେ କରୁଛି । ପ୍ରଚଳିତ ରାଗମାନଙ୍କ ମଧ୍ୟରୁ କେତେକ ରାଗ, ଯଥା :— କଲ୍ୟାଣ, କାଫି, ଖମାଜ, ଶଙ୍କରାଭରଣ, ମୋହନ, ସାବେରୀ, ବେହାଗ, ଦେଶ, ଜୟଜୟନ୍ତୀ ଆଦି କେତେକ ରାଗ ଯେଉଁମାନେ ଆଜକୁ ଶହ ଶହ ବର୍ଷ ପୂର୍ବରୁ ଆମର ପୂର୍ବଜ ଓ ପ୍ରାଚୀନ କବିମାନେ ଭାରତୀୟ ସଙ୍ଗୀତର ଆଦାନ ପ୍ରଦାନ କ୍ରିୟା ସ୍ୱରୂପ ଆଧାରିତ ରାଗ ଭାବେ ଓଡ଼ିଶୀ ସଙ୍ଗୀତ ପରମ୍ପରାରେ ଗ୍ରହଣ କରି ଆସିଛନ୍ତି । ସେଗୁଡ଼ିକ ଗାନ କରିବାପାଇଁ ଅବଶ୍ୟ ଆମର କିଛି ବାଧା ନାହିଁ ; ଓଡ଼ିଶୀ ସଙ୍ଗୀତରେ ନିଜସ୍ୱ ଶାସ୍ତ୍ରୀୟ ପରିଚୟ ବା ପ୍ରମାଣ ପାଇଁ ତାହା ଯଥେଷ୍ଟ ହୋଇ ନ ପାରେ ।

ଏଠାରେ ବିସ୍ତର କରିବାକୁ ହେବ ଯେ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତରେ ଯେପରି ଶୈଳୀ ସହିତ କିଛି ଶାସ୍ତ୍ରସମ୍ମତ ନିଜସ୍ୱ ରାଗ ଅଛି ସେହିପରି ଓଡ଼ିଶୀ ସଙ୍ଗୀତରେ ମଧ୍ୟ ଶୈଳୀ ସହିତ କିଛି ଶାସ୍ତ୍ର ସମ୍ମତ ନିଜସ୍ୱ ରାଗ ରହିବା ନିଶ୍ଚିତ ଆବଶ୍ୟକ । ଏହିପରି କିଛି ସ୍ୱତନ୍ତ୍ର ରାଗରାଗିଣୀ ଆମେମାନେ ଓଡ଼ିଶୀ ସଙ୍ଗୀତରେ ଥିବା ଦର୍ଶାଇ ନ ପାରିବାରୁ ଏହା ହିନ୍ଦୁସ୍ଥାନୀ କର୍ଣ୍ଣାଟକୀ ମିଶ୍ରିତ ପାରମ୍ପରିକ ଲେକସଙ୍ଗୀତ ଭାବରେ ବିସ୍ତର ଜଗୁଆଇଛି । ଅଥଚ ଆମର ସ୍ୱ ଶାସ୍ତ୍ରୀୟ ତଥା ପାରମ୍ପରିକ ରାଗରାଗିଣୀର ଅଭାବ ନ ଥିବା ଦେଖାଯାଏ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମୋ ମତରେ ଯେତେଦିନ ଯାଏଁ ଏହି ସ୍ୱତନ୍ତ୍ର ଘରାଘରିଣୀର ଅଭାବ ଆମେ ପୂରଣ କରିପାରି ନାହାନ୍ତି, ଯେତେଦିନ ଯାଏ ଆମ ଓଡ଼ିଶୀ ସଙ୍ଗୀତ ପରମ୍ପରାର ନିଜସ୍ୱ ଘରାଘରିଣୀମାନ ଲୋକଲୋଚନକୁ ଆସିପାରି ନାହିଁ, ସେତେଦିନ ପର୍ଯ୍ୟନ୍ତ ଓଡ଼ିଶୀ ସଙ୍ଗୀତ ଆଞ୍ଚଳିକ ଲୋକଗୀତ ହୋଇ ରହିଥିବ, ଏହା ନିଃସନ୍ଦେହ ।

ବହୁଦିନର ତିକ୍ତ-ମଧୁର ଅଭିଜ୍ଞତା ନେଇ ମୁଁ ଏ କଥା ମନେ ମନେ ଉପଲବଧି କରି ଯେ ଆଲୋଚିତ 'ଓଡ଼ିଶୀ ଘର ପରିଚୟ" ପୁସ୍ତକଟିର ମାର୍ଗ ହେଲ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରତିପାଦନ ନିମିତ୍ତ ଏକ ଉଚିତ ପଦକ୍ଷେପ । ମୋର ଦୃଢ଼ ବିଶ୍ୱାସ, ଏହାଦ୍ୱାରା ଓଡ଼ିଶୀ ସଙ୍ଗୀତ ଅଚିରେ ଶାସ୍ତ୍ରୀୟ ସଙ୍ଗୀତ ଭବରେ ସ୍ୱୀକୃତି ହେବ ।

ମୋର ସମସ୍ତ ଜୀବନ ମୁଁ ଜଣେ ନିରବଚ୍ଛିନ୍ନ ସଙ୍ଗୀତ ସାଧକର ଭୂମିକାରେ ଓଡ଼ିଶୀ ସଙ୍ଗୀତର ଉନ୍ନତି ପାଇଁ କାୟମନୋବାକ୍ୟରେ ଆନ୍ତରିକତାର ସହ ଆପ୍ରାଣ ଚେଷ୍ଟା କରି ଆସିଛି । ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ପଦ ମର୍ଯ୍ୟାଦା ଲଭ କରୁ ଏହାହିଁ ମୋର ଏକାନ୍ତ କାମନା ।

ଏତେଦିନେ ମହାବାହୁ, ବଳିଆଚ ଭୁଜ, ଜଗତର ନାଥ ଜଗନ୍ନାଥ ମୋର ଅନ୍ତରର ନିବେଦନ ଶୁଣିଛନ୍ତି । ମୋର ପୁତ୍ର ପ୍ରତିମ ଗୋପାଳକୁ ସେ ଦିବ୍ୟ ଆତ୍ମଶକ୍ତି, ସାହସ ଓ ପ୍ରେରଣା ଯୋଗାଇଛନ୍ତି । ତାଙ୍କରି କୃପା ବଳରେ ଗୋପାଳ ଉତ୍କଳୀୟ ସଙ୍ଗୀତର ପୁନରୁଦ୍ଧାର କ୍ଷେତ୍ରରେ ଉଚିତ୍ ପଦକ୍ଷେପ ନେଇଛି । ଏହାହିଁ ଆଜି ମୋର ଆନନ୍ଦ ଓ ଆଶ୍ୱାସନାର ବିଷୟ ।

ପୁସ୍ତକରେ ସ୍ଥାନ ପାଇଥିବା ଘରମାନଙ୍କର ସ୍ୱରଫଗତି ତଥା ସ୍ୱରଲିପି ଶୁଣି ମୁଁ ତହିଁରେ ସମାନ୍ୟ ପରିବର୍ତ୍ତନ ଜଣାଇଛି । ସେ ପରିବର୍ତ୍ତନକୁ ମଧ୍ୟ ଗୋପାଳ ସାଦରେ ଗ୍ରହଣ କରିଛି ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଓଡ଼ିଶୀ ସଙ୍ଗୀତ ପ୍ରେମୀ, ଜ୍ଞାନୀ, ଗୁଣୀ ସଙ୍ଗୀତଜ୍ଞ ତଥା ଛାତ୍ର-ଛାତ୍ରୀ ମାନଙ୍କୁ ମୋର ନିବେଦନ, ଏ ପଦକ୍ଷେପକୁ ସମସ୍ତେ ସଫଳ କରିବାରେ ସବଳ ନିଷ୍ଠାର ସହିତ ସାହଯ୍ୟ କରନ୍ତୁ ।

ଯଦି କେଉଁଠାରେ କିଛି ଭୁଲ ତ୍ରୁଟି ରହିଯାଇଥାଏ, ତାକୁ ମାର୍ଜିତ କରାଇବାକୁ ସମସ୍ତେ ସହଯୋଗ କରନ୍ତୁ, ଏହା ମଧ୍ୟ ମୋର ବିଶେଷ ଅନୁରୋଧ ।

ସର୍ବୋପରି ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ହେଉ । ଏହାହିଁ ମୋର ଜୀବନର ଶେଷ ଇଚ୍ଛା । ପୁସ୍ତକଟିର ସର୍ବବିଧ ସାଫଲ୍ୟ କାମନା ଓ ଆଶୀର୍ବାଦ ସହ ...

ସଙ୍ଗୀତ ସୁଧାକର ଶ୍ରୀ ବାଳକୃଷ୍ଣ ଦାଶ

ଜୟ ଜଗନ୍ନାଥ,
ଜୟ ଓଡ଼ିଶୀ ସଙ୍ଗୀତ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



SANGEET-PRAVAKAR, BHASKAR, NAYAK-SARASWATI

**Pdt. Shri Markandeya Mohapatra Sarma,**

RTD. PROF. OF MUSIC

ମୋର ପ୍ରିୟ ଅନୁଜ ପ୍ରତିମ ବନ୍ଧୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ଲିଖିତ "ଓଡ଼ିଶୀ ରାଗ ପରିଚୟ" ପୁସ୍ତକଟି ଆମୂଳଚୂଳ ପାଠ କରି ଅତ୍ୟନ୍ତ ଆତ୍ମସନ୍ତୋଷ ଲଭିଛି । ଶ୍ରୀଯୁକ୍ତ ପଣ୍ଡା ବହୁ ଶାସ୍ତ୍ରାଧାର ତଥା ଯୁକ୍ତିର ସହିତ ଉତ୍କଳୀୟ ସଙ୍ଗୀତ ସମ୍ପ୍ରଦାୟର ନିଜସ୍ୱ ଗ୍ରନ୍ଥ ଗୀତ ପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ ନାରାୟଣ ତଥା ଆବଶ୍ୟକ ସ୍ଥଳେ ସର୍ବଜନଗୃହୀତ ସ୍ୱୀକୃତ, ସଙ୍ଗୀତ ପାରିଜାତ ଗ୍ରନ୍ଥ ମତେ ୩୩ ଗୋଟି ରାଗ ପରିଚୟ ସହିତ, ଉତ୍କଳୀୟ ସଙ୍ଗୀତ ପରମ୍ପରାର ୫୦ରୁ ଅଧିକ ନିଜସ୍ୱ ପାରମ୍ପାରିକ ରାଗମାନଙ୍କର ରାଗରୂପ ପ୍ରଦାନ କରିଛନ୍ତି । ପୁସ୍ତକରେ ପ୍ରଦତ୍ତ ହୋଇଥିବା ଗୀତଗୁଡ଼ିକର ସ୍ୱରଲିପି ଅତ୍ୟନ୍ତ ସୁନ୍ଦର ତଥା ଓଡ଼ିଶୀ ସଙ୍ଗୀତ ଶୈଳୀ ସମ୍ମତ । ମୋ ସହିତ ଏ ବିଷୟରେ ସେ ବହୁ ଆଗରୁ ଆଲୋଚନା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



କରିଛନ୍ତି । ଆମେ ଉଭୟେ ପୁସ୍ତକ ସଙ୍ଗେ ବେଶିତ ରଗରଗିଣୀ ଓ ଗୀତର ସ୍ୱର ସମ୍ବନ୍ଧେ ଏକମତ । ରଗଗୁଡ଼ିକ ଶୀଘ୍ର ପାଠ୍ୟପୁସ୍ତକ ଅନ୍ତର୍ଗତ ହୋଇ ସଦ୍ଗୁରୁ ହେବା ପ୍ରୟୋଜନ । ଏହା ଓଡ଼ିଶୀ ସଙ୍ଗୀତର ଯଥାର୍ଥ ଶାସ୍ତ୍ରୀୟତା ପ୍ରତିପାଦନ ଦିଗରେ ବିଶେଷ ସହାୟ ହେବ ବୋଲି ମୋର ବିଶ୍ୱାସ । ମୁଁ ଆନ୍ତରିକତା ସହିତ ପୁସ୍ତକଟିର ସର୍ବବିଧ ସାଫଲ୍ୟ କାମନା କରୁଛି । ଶ୍ରୀଯୁକ୍ତ ପଣ୍ଡାଙ୍କୁ ଧନ୍ୟବାଦ ସହ ।

ଶ୍ରୀଯୁକ୍ତ ମାର୍କଣ୍ଡେୟ ମହାପାତ୍ର ଶର୍ମା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri





ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଅଶେଷ ଅଶେଷ କୃପାରୁ ଆଜି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରମାଣ ନିମିତ୍ତ ଏକ ଯଥାର୍ଥ ମାର୍ଗ ଆବିଷ୍କୃତ । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡ଼ିଶୀ କଣ୍ଠ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରାଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା, ନିଜ ଅଧ୍ୟବସାୟ ତଥା ଏକନିଷ୍ଠ ସାଧନା ବଳରେ ଉତ୍କଳୀୟ ସଙ୍ଗୀତ ସମ୍ପ୍ରଦାୟର ନିଜସ୍ୱ ଶାସ୍ତ୍ର ଯଥା :— ଗୀତ ପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ ନାରାୟଣ ତଥା ନାଟ୍ୟ ମନୋରମା ଆଦି ଗ୍ରନ୍ଥାବଳୀର ତଥା କେତେକ ପରମ୍ପରାଗତ ରାଗରାଗିଣୀ ତାନାବଳି ସହିତ "ଓଡ଼ିଶୀ ରାଗ ପରିଚୟ" ନାମକ ଏକ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି ।

ଏ ବିଷୟରେ ସେ ମୋ ସହିତ ଏକାଧିକ ବାର ଆଲୋଚନା କରିଛନ୍ତି । ପୁସ୍ତକ ସନ୍ନିବେଶିତ ସମସ୍ତ ବିଷୟବସ୍ତୁ ଓ ସ୍ୱରଲିପି ସହିତ ମୁଁ ଏକମତ ।

ପୁସ୍ତକଟି ପାଠକରି ମୁଁ ବିଶେଷ ଆନନ୍ଦିତ । ଓଡିଶୀ ସଙ୍ଗୀତ ଯେ କେବଳ ଲୋକ ସଙ୍ଗୀତ ନୁହେଁ, ଗାନଶୈଳୀ ଓ ଶାସ୍ତ୍ରାଧାର ବିଚାରୁ ଏହା ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତଠାରୁ ଭିନ୍ନ ତଥା ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ସଙ୍ଗୀତ, ଏହା ଆଜି ପ୍ରମାଣିତ । ପୁସ୍ତକଟି ଓଡ଼ିଶୀ ସଙ୍ଗୀତର ଯଥାର୍ଥ ଶାସ୍ତ୍ରୀୟତା ପ୍ରତିପାଦନ ଦିଗରେ ବିଶେଷ ସହାୟକ ହେବ ବୋଲି ମୋର ବିଶ୍ୱାସ ।

ଯଥାଶୀଘ୍ର ଓଡ଼ିଶୀ ସଙ୍ଗୀତର ପାଠ୍ୟକ୍ରମ ଅନୁରୂପ ହୋଇ ପ୍ରଚଳିତ ହେବା ଆବଶ୍ୟକ । ଶ୍ରଦ୍ଧେୟ ବାବୁ ଶ୍ରାଯୁକ୍ତ ପଣ୍ଡାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ପୁସ୍ତକଟିର ସର୍ବବିଧ ଉନ୍ନତି କାମନା କରୁଛି ।

ସଙ୍ଗୀତ କଳାନଧି, ସରସ୍ୱତୀ
ପଣ୍ଡିତ ଶ୍ରୀ କାଶୀନାଥ ପୂଜାପଣ୍ଡା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଆଜି ମୋର ବହୁ ଭଗ୍ୟ; ଶ୍ରୀଯୁକ୍ତ ଗୋପାଳ ସାର୍‌ଙ୍କର ଲିଖିତ 'ଓଡ଼ିଶୀ ଗଗ ପରିଚୟ' ପୁସ୍ତକଟି ଦେଖିଲି । ପୁସ୍ତକଟିରେ ସ୍ଥାନ ପାଇଥିବା ଓଡ଼ିଶୀ ସଂଗୀତର ପରମ୍ପରା ପଦ୍ଧତି ଓ ସ୍ୱତନ୍ତ୍ର ଗଗଗଗିଣୀର ଚାକ୍ଷୁସ ପ୍ରମାଣ ନିଜ ଆଖିରେ ଦେଖି ମୁଁ ଆଜି ଆତ୍ମବିଭୋର । ଏହା ଯେ ଅନ୍ୟ ସମସ୍ତ ସଂଗୀତ ପଦ୍ଧତିଠାରୁ ସ୍ୱତନ୍ତ୍ର ଏବଂ ପାଞ୍ଚଶହ ବର୍ଷ ପୂର୍ବର ପ୍ରମାଣିତ ଗ୍ରନ୍ଥମତେ ପ୍ରସ୍ତୁତ, ଏହାର ପ୍ରତ୍ୟକ୍ଷ ପ୍ରମାଣ ମୁଁ ପାଇଲି ।

ଶ୍ରୀଯୁକ୍ତ ଗୋପାଳ ସାର୍‌ଙ୍କର ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ସପକ୍ଷରେ ଯୁକ୍ତି ଦେଖି ମୁଁ ଅଭିଭୂତ । ମୁଁ ସ୍ୱୀକାର କରୁଛି ଏହି ପଦ୍ଧତି ଓ ସ୍ୱର ସଙ୍ଗତି ତଥା ପରମ୍ପରାଗତ ଗଗଗଗିଣୀ ଅନୁସରଣରେ ଓଡ଼ିଶୀ ସଂଗୀତ ନିଶ୍ଚୟ ଶାସ୍ତ୍ରୀୟ ସଂଗୀତ ଭାବେ ଜାତୀୟ ମର୍ଯ୍ୟାଦା ଲାଭ କରିବ; ଏହା ନିଃସନ୍ଦେହ ।

ମୋ ବିଚାରରେ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ଭାବେ ପ୍ରମାଣିତ କରାଇବାରେ ଏହା ହିଁ ଉପଯୁକ୍ତ ମାର୍ଗ । ଗଗଗୁଡ଼ିକ ଶୀଘ୍ର ସିଲାବସ ଅନ୍ତର୍ଗତ ହୋଇ ପ୍ରଚାର ହେବା ଆବଶ୍ୟକ ।

ଗୋପାଳ ସାର୍‌ଙ୍କଠାରେ କୃତଜ୍ଞତାର ସହିତ

**ଆଧ୍ୟାପକ, ଭଜନସମ୍ରାଟ ଭିକାରୀ ଚରଣ ବଳ**

ଉତ୍କଳ ସଂଗୀତ ମହାବିଦ୍ୟାଳୟ

ଭୁବନେଶ୍ୱର

ତା ୧୦ । ୫ । ୯୩

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଓଡ଼ିଶୀ ସଂଗୀତ ଓ ନୃତ୍ୟ ଆଜି ଦେଶ ବିଦେଶରେ ବିଶେଷ ଆଦୃତ ତଥା ଚର୍ଚ୍ଚାର ବିଷୟ । ଏକ ବିଗତ ଓଡ଼ିଶୀ ନୃତ୍ୟ ଏବେ ଏକ ଶାସ୍ତ୍ରୀୟ ନୃତ୍ୟ ଭବେ ସ୍ୱୀକୃତ ହୋଇଥିଲେ ହେଁ, ଏଥି ଅନ୍ତର୍ଗତ ସଂଗୀତ ତଥା ତାଳର ଶାସ୍ତ୍ରୀୟତା ଘେନି ଅଦ୍ୟାବଧି ନାନା ପ୍ରଶ୍ନ ଅମୀମାଂସିତ । ମୁଁ ସଂଗୀତଜ୍ଞ ନୁହେଁ, ଜଣେ ନୃତ୍ୟଶିକ୍ଷୀ ଭବେ ବମ୍ବେ, ମାଦ୍ରାସ୍, ଦିଲ୍ଲୀ ତଥା ଇଂଲଣ୍ଡ, ଆମେରିକା, ଜର୍ମାନ୍, ଜାପାନ, ସ୍ୱଇଜରଲ୍ୟାଣ୍ଡ ପ୍ରଭୃତି ଦେଶ ବିଦେଶରେ ଏ ସମ୍ବନ୍ଧେ ନାନା ପ୍ରଶ୍ନର ସମ୍ମୁଖୀନ ହୋଇ ତାର ଯଥାର୍ଥ ଉତ୍ତର ଦେବାରେ କିଛିଟା ବାଧାପ୍ରାପ୍ତ ହେଉଛି ।

ବଡ଼ ଆନନ୍ଦର ବିଷୟ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା ତାଙ୍କର ଏକନିଷ୍ଠ ସାଧନା ବଳରେ ଆଜି ସେ ସମସ୍ୟାର ଶାସ୍ତ୍ରଗତ ଯୁକ୍ତି ସହିତ ଏକ ବିଧିବଦ୍ଧ ସମାଧାନ କରିବାରେ ସମର୍ଥ ହୋଇଛନ୍ତି ।

ସେ ତାଙ୍କ ପ୍ରଣୀତ "ଓଡ଼ିଶୀ ରାଗ ପରିଚୟ" ପୁସ୍ତକରେ ଓଡ଼ିଶାର ପ୍ରାଚୀନ ସଂଗୀତ ଗ୍ରନ୍ଥ ଗୀତ ପ୍ରକାଶ, ସଂଗୀତ ମକ୍ତାବଳୀ, ସଂଗୀତ ନାରୟଣ ଆଦି ନିଜସ୍ୱ ସଂଗୀତ ଗ୍ରନ୍ଥାଦିର ଶାସ୍ତ୍ରାଧାରିତ ଉତ୍କଳୀୟ ସ୍ୱତନ୍ତ୍ର ରାଗରାଗିଣୀ ଓ ତାଳାଦିର ପ୍ରାମାଣିକ ତଥ୍ୟ ଦ୍ୱାରା ଓଡ଼ିଶୀ ସଂଗୀତ ଧାରକୁ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀଠାରୁ ପୃଥକ ପ୍ରତିପାଦିତ କରିଛନ୍ତି । ମୁଁ ଜଣେ ସଂଗୀତପ୍ରେମୀ, ଶାସ୍ତ୍ରୀୟ ମର୍ମଜ୍ଞ ତଥା ବହୁବର୍ଷ ଉତ୍କଳ ସଙ୍ଗୀତ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଭବେ ଆନ୍ତରିକ ସହିତ ସ୍ୱୀକାର କରୁଛି ଯେ, ଶ୍ରୀଯୁକ୍ତ ପଣ୍ଡାଙ୍କର ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟତା ପ୍ରମାଣ ପ୍ରତି ଅବଦାନର ତୁଳନା ନାହିଁ । ସଂକ୍ଷେପରେ କହିଲେ ଗଗଳକ୍ଷଣାଦି, ଆଳାପ, ତାଳଯୁକ୍ତ ଆଜିର ଏ ଓଡ଼ିଶୀ ଶାସ୍ତ୍ରୀୟ ଗାୟନ ପ୍ରକାର ଗାନ-ଶୈଳୀ ମଧ୍ୟ ତାଙ୍କର ଏକ ନୂତନ ସୃଷ୍ଟି ।

କେବଳ ମୁଁ କାହିକି, ଓଡ଼ିଶାର ଦୁଇଟିନିକଣ ଜଦ୍ଧ ପ୍ରତିଷ୍ଠିତ ପ୍ରଖ୍ୟାତ ଗୁରୁ ଯଥା— ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ, ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର, ପଣ୍ଡିତ କାଶୀନାଥ ପୂଜାପଣ୍ଡା ଆଦି ଗୁରୁମାନେ ମଧ୍ୟ ଶ୍ରୀ ପଣ୍ଡାଙ୍କର କୃତିତ୍ୱକୁ ସାଦର ସ୍ୱୀକୃତି ଦେଇଛନ୍ତି । ଓଡ଼ିଶୀ ସଂଗୀତର ଶ୍ରୀ ବୃଦ୍ଧି ତଥା ଉନ୍ନତି କଗଇବା ବିଗରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଏହିପରି ସାଧନା କରି ଗଲିବାକୁ ଅନୁରୋଧ କରିବା ସହିତ, ମୁଁ ପୁସ୍ତକର ସର୍ବବିଧ ସାଫଲ୍ୟ କାମନା କରୁଛି ।

ଡ. ମିନତୀ ମିଶ୍ର

—ଏମ୍.ଏ,ପି.ଏଚ୍.ଡ଼ି,

ପୂର୍ବତନ ଅଧ୍ୟକ୍ଷା

ଉତ୍କଳ ସଂଗୀତ ମହାବିଦ୍ୟାଳୟ

ତଥା

ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ନୃତ୍ୟ ବିଦୂଷୀ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଶ୍ରଦ୍ଧେୟ ଗୋପାଳବାବୁ,

ମୁଁ ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି ଯେ, ଆପଣ ସ୍ୱତନ୍ତ୍ର ଓଡ଼ିଶୀ ସଂଗୀତ ପରମ୍ପରର ନିଜସ୍ୱ ଗ୍ରନ୍ଥ ଗୀତପ୍ରକାଶ, ସଂଗୀତ ମୁଦ୍ରାବଳୀ, ସଂଗୀତ ନାଗୟଣ ଆଦି ଗ୍ରନ୍ଥର ରଗମାନଙ୍କର ପରିଚୟ ଦେଇ ଏକ ପୁସ୍ତକ ରଚନା କରୁଛନ୍ତି ଓ ଯାହା ଅବିଳମ୍ବେ ପ୍ରକାଶିତ ହେଉଛି । ମୁଁ ମୋର ଆନ୍ତରିକତାର ଗଭୀରତମ ସ୍ତରରୁ ଏ ପ୍ରକାଶନର ସ୍ୱାଗତ କରୁଛି । କାରଣ ଆପଣ କେବଳ ଜଣେ ସଂଗୀତଜ୍ଞ ନୁହନ୍ତି, ଶାସ୍ତ୍ରଜ୍ଞ ମଧ୍ୟ । ସଂଗୀତ ବିଷୟରେ ଗବେଷଣା କରିବାକୁ ଆପଣ ପଶ୍ଚାତ୍‌ପଦ ନୁହନ୍ତି । ଅବଶ୍ୟ, ଶାସ୍ତ୍ରର ବ୍ୟାଖ୍ୟାରେ ମତବିବିଧତା ଥିବା ସ୍ୱାଭାବିକ । ଶାସ୍ତ୍ରଜ୍ଞ ସହିତ ଶାସ୍ତ୍ରଜ୍ଞର ମତଭେଦ ଗବେଷକକୁ ଉର୍ଦ୍ଧ୍ୱମନ୍ତ କରେ । ଏପରି ମତଭେଦକୁ ଗୁରୁତ୍ୱ ନ ଦେବାକୁ ମୁଁ ଆପଣଙ୍କୁ ଅନୁରୋଧ କରିବି । ଓଡ଼ିଶାରେ ମତଭେଦ ସୃଷ୍ଟି କରିବା ସଂଗୀତଜ୍ଞ ଅନେକ । ତେଣୁ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ ଏପରି ଲୋକମାନଙ୍କ କବଳରୁ ଆପଣଙ୍କୁ ରକ୍ଷା କରନ୍ତୁ ।

( ଇତି )

ଆପଣଙ୍କ ଗୁଣମୁଗ୍ଧ

ଜୀବନାନନ୍ଦ ପାଣି

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମୁଁ ଆଜି ବିଶେଷ ଆନନ୍ଦିତ ଯେ, ମୋର ପୂଜ୍ୟ ଗୁରୁ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ପ୍ରଣୀତ "ଓଡ଼ିଶୀ ରଗ ପରିଚୟ" ନାମକ ଏକ ଅମୂଲ୍ୟ ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି । ଓଡ଼ିଶୀ ଶବ୍ଦଟି ଅବଶ୍ୟ ଅତ୍ୟନ୍ତ ପରଜନ ନ ହେଲେ ମଧ୍ୟ ଏହା ପ୍ରାଚୀନ ଉତ୍ତ ପ୍ରବୃତ୍ତୀୟ ଗାନ ବୃତ୍ତି ସମ୍ପର୍କିତ । ଉକ୍ତ ଗାନ ଶୈଳୀର ମାଧରିମା ଅବର୍ଣ୍ଣନୀୟ । ବାଲ୍ୟକାଳରୁ ମୁଁ ଅଦ୍ୟାବଧି ଏହି ସଂଗୀତ ମାଧ୍ୟମରେ ଓଡ଼ିଶାର ଋନ୍ ସ୍ୱରୂପ ସ୍ୱର୍ଗୀୟ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କଠାରୁ ଆରମ୍ଭ କରି ସମସ୍ତ ଗୁରୁବର୍ଗଙ୍କର ବିଭିନ୍ନ ଗାୟନ ଶୈଳୀର ମାଧୁର୍ଯ୍ୟ ମର୍ମେ ମର୍ମେ ଅନୁଭବ କରିଛି । ବର୍ତ୍ତମାନ ଏଇ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟତା ପ୍ରତିପାଦନ ଏକ ଆଲୋଚ୍ୟ ବିଷୟ ହୋଇ ରହିଛି । ପ୍ରକୃତ ଗବେଷଣା ଅଭାବରୁ ଏହାର ନିଜସ୍ୱ ରଗରଗିଣୀମାନ ଅଦ୍ୟାବଧି ଆତ୍ମପ୍ରକାଶ କରି-ପାରିନାହିଁ । ତେଣୁ ବହୁ ଚେଷ୍ଟା ସତ୍ତ୍ୱେ ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ସ୍ୱୀକୃତି ପାଇପାରିନାହିଁ । ଏପରି ଘଡ଼ିସନ୍ଧି କାଳରେ ଅମୂଲ୍ୟ, ଏ "ଓଡ଼ିଶୀ ରଗ ପରିଚୟ" ପୁସ୍ତକଟିର ଆତ୍ମପ୍ରକାଶ ସୌଭାଗ୍ୟର ବିଷୟ । ଏହାକୁ ପାଠ-କରି ମୋର ଆତ୍ମବିଶ୍ୱାସ ହୋଇଛି ଯେ, ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟତା ପ୍ରମାଣ ଦିଗରେ ଏହି ପୁସ୍ତକ ନିଶ୍ଚୟ ପଥ ପ୍ରଦର୍ଶନ କରିବ ।

ପୂଜ୍ୟ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କଠାରେ
ଭକ୍ତି ଓ କୃତଜ୍ଞତାର ସହିତ

ଶ୍ରୀମତୀ ଭୁବନେଶ୍ୱରୀ ମିଶ୍ର

ସଂଗୀତ କଲ୍ପଲତା

ତା ୧୭ । ୫ । ୯୩

—୦—

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଓଡ଼ିଶାର ସଂସ୍କୃତପ୍ରେମୀ ତଥା ଜଣେ ଗୀତିକାର ଭବରେ ମୁଁ ଓଡ଼ିଶୀ ସଙ୍ଗୀତର ଆଲୋଚନାଚକ୍ରମାନଙ୍କରେ ଗତ ୨୫ ବର୍ଷ ଧରି ଯୋଗଦାନ କରିଆସିଛି ଏବଂ ବିଭିନ୍ନ ଆଲୋଚନା ଓ ସମାଲୋଚନା ଶୁଣି ଆସିଛି । ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରତିପାଦନ ନିମିତ୍ତ ଏକ ବଳିଷ୍ଠ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଅନୁରୋଧ ଜଣାଇ ଆସିଛି । କାରଣ "ଓଡ଼ିଶୀ ସଙ୍ଗୀତ" ଓଡ଼ିଶାର ନିଜସ୍ୱ ଏବଂ "ଓଡ଼ିଶା" ଓ "ଓଡ଼ିଶୀ" ଅଭିନ୍ନ ।

ଆଜି ପୁରତନ ବନ୍ଧୁ ଏବଂ ପ୍ରବୀଣ ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ରଚିତ "ଓଡ଼ିଶୀ ରଙ୍ଗ ପରିଚୟ" ଗ୍ରନ୍ଥଟି ପ୍ରସ୍ତୁତ ହୋଇ-ଥିବାର ଜାଣି ଓ ତାହା ବିଶିଷ୍ଟ ସଂଗୀତଜ୍ଞ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ, ପଣ୍ଡିତ ଗୁରୁ ମାର୍କଣ୍ଡେୟ ମହାପାତ୍ର ଓ ପ୍ରଖ୍ୟାତ ଜଣଶିକ୍ଷୀ ଅଧ୍ୟାପକ ଭିକାରୀ ଚରଣ ବଳ ଓ ଗବେଷକ ଜୀବନାନନ୍ଦ ପାଣି ଆଦି ସଂଗୀତ କ୍ଷେତ୍ରରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନଙ୍କର ଆନ୍ତରିକ ଅନୁ-ମୋଦନ ଓ ଉଚ୍ଛ୍ୱସିତ ପ୍ରଶଂସା ଲାଭ କରିଥିବା ଜାଣି ମୁଁ ଭବୁଛି ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟତା ପ୍ରତିପାଦନ ପାଇଁ ଏହା ଏକ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିବ ଏବଂ ଏହା ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଅଚିରେ ଶାସ୍ତ୍ରୀୟ ସଂଗୀତ ଭବରେ ସ୍ୱୀକୃତି ଲାଭ କରିବ ।

ବିଶେଷ କରି ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ପରି ଜଣେ ପ୍ରଖ୍ୟାତ ସଂଗୀତଜ୍ଞ ପୁସ୍ତକରେ ସନ୍ନିବେଶିତ ରଙ୍ଗ ରୂପ ଓ ସ୍ୱରଲିପିରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଅତ୍ୟନ୍ତ ମୁଗ୍ଧ ହୋଇ ଏହାର ଶବ୍ଦଲିପି କ୍ୟାସେଟ ରେକର୍ଡିଂ ପାଇଁ ଇଚ୍ଛା ପ୍ରକାଶ କରିବା ଏକ ଆନନ୍ଦର ବିଷୟ । ଏହାର ଶବ୍ଦଲିପି କ୍ୟାସେଟ ରେକର୍ଡିଂ ପାଇଁ ଫାଉଣ୍ଡେସନ ତରଫରୁ ସମସ୍ତ ସହଯୋଗ କରିବାକୁ ମୁଁ ସ୍ୱୀକୃତ ।

ପରିଶେଷରେ ପୁସ୍ତକଟିର ବହୁଳ ପ୍ରସାର କାମନା କରୁଅଛି ।

ଗୀତିକାର ନାରାୟଣ ପ୍ରସାଦ ସିଂହ

( ଉସଗଜ )

ଭୁବନେଶ୍ୱର

ତା ୧୨ । ୫ । ୯୩

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଏବେ ଓଡ଼ିଶୀ ସଂଗୀତ ସମ୍ବନ୍ଧେ ବାଦାନୁବାଦ ତଥା ବହୁମତ ଓ ଯଥେଚ୍ଛା ବିଗ୍ଦର ଅସହ୍ୟ ହେଇଣି । ଏ ବିଷୟରେ କିଛି ନିଷ୍ପତ୍ତି ନିତ୍ୟାନ୍ତ ଆବଶ୍ୟକ । ଏପରି ଘଡିସନ୍ଧି କ୍ଷଣରେ ଗୋପାଳ ସାହୁଙ୍କ ପ୍ରଣୀତ 'ଓଡଶୀ ଗଗ ପରିଚୟ' ପୁସ୍ତକର ଆବିର୍ଭାବ, ଶ୍ରୀ ଜଗନ୍ନାଥଙ୍କର ଏକ ବରଦାନ ବୋଲି କୁହାଯିବ । କାରଣ, ଗୁରୁ ବାଳକୃଷ୍ଣ ଦାଶଙ୍କ ଠାରୁ ଆରମ୍ଭ କରି ଗୁରୁ ମାର୍କଣ୍ଡେୟ ମହାପାତ୍ର, ଗୁରୁ କାଶିନାଥ ପୂଜାପଣ୍ଡା, ଗୁରୁ ଭିକାରୀ ଚରଣ ବଳ ଆଦିଙ୍କ ସହିତ ବହୁ ଜ୍ଞାନୀ ବ୍ୟକ୍ତିମାନେ ଉକ୍ତ ପୁସ୍ତକ ସମ୍ବନ୍ଧେ ଆନ୍ତରିକ ସମର୍ଥନ ଜଣାଇ ସ୍ୱୀକାର କରିଛନ୍ତି ଯେ, ଅଧ୍ୟାପକ ପଣ୍ଡାଙ୍କର ଶାସ୍ତ୍ରାଧାର ବିଗ୍ଦର ଓ ଯୁକ୍ତିଗୁଡିକ ଓଡିଶୀ ସଂଗୀତର ଶାସ୍ତ୍ରୀୟତା ପ୍ରମାଣ ପାଇଁ ଏକ ଉପଯୁକ୍ତ ମାର୍ଗ । ଏହା ଅତ୍ୟନ୍ତ ଆନନ୍ଦର ବିଷୟ ।

ଅନ୍ୟ ଦିଗରୁ ଓଡିଶୀ ସଂଗୀତର ଗାୟନ ପ୍ରକାର ସମ୍ବନ୍ଧେ ନିଷ୍ପତ୍ତି ବିଗ୍ଦର କରି ଦେଖିଲେ, ତହିଁରେ ଆଳାପ, ତାନ, ବୋଇତାନ ଓ ନିବଦ୍ଧ ଆଳାପ ଆଦି ବିଭିନ୍ନ ଛନ୍ଦଯୁକ୍ତ ଉନ୍ନତ ଗାନ ଶୈଳୀ ମଧ୍ୟ ଗୋପାଳ ସାହୁଙ୍କର ଓଡିଶୀ ସଂଗୀତ ପାଇଁ ଏକ ଅମୂଲ୍ୟ ଦାନ ବୋଲି କହିବାରେ ଆମର ଟିକିଏ ଦ୍ୱିଧା ହୁଏନା । ଆଜିର ଓଡିଶୀ ଗାନ ପ୍ରକାର ଓ ପଦର କୋଡିଏ ବର୍ଷ ତଳର ଗାନ ପ୍ରକାର ମଧ୍ୟରେ ତୁଳନା କଲେ ଏହା ଯେ କୌଣସି ହୃଦୟବାନ ବ୍ୟକ୍ତି ନିଶ୍ଚୟ ସ୍ୱୀକାର କରିବେ ।

ଆଜିକୁ କୋଡିଏ ବାଇଶି ବର୍ଷ ତଳେ ଗୋପାଳ ସାହୁ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଓଡ଼ିଶୀ ଜଣ ସଂଗୀତ ବିଭାଗରେ ଅଧ୍ୟାପକ ପଦେ ଯୋଗ ଦେଇ ସେଇଦିନଠୁ ସେ ବହୁ ଅଟ୍‌ଟା ପରିହାସ ଓ ଘାତ-ପ୍ରତିଘାତ ସହି ଏ ଦିଗରେ ଆନ୍ତରିକ ଉଦ୍ୟମ କରିଆସିଛନ୍ତି । ଆମେ ତାଙ୍କର ଜଣେ ଜଣେ ଛାତ୍ର ଭାବେ ଆଜି ଗର୍ବିତ ।

ଗୋପାଳ ସାହୁଙ୍କ ଠାରେ ଭକ୍ତି ଓ କୃତଜ୍ଞତା ଜ୍ଞାପନ ସହିତ, ତାଙ୍କର ନିରାମୟ ଦୀର୍ଘଜୀବନ ସହ, ଏ ଅମୂଲ୍ୟ ପୁସ୍ତକର ସର୍ବବିଧ ସାଫଲ୍ୟ କାମନା କରୁ ।

ଘନଶ୍ୟାମ ପଣ୍ଡା
କେଶବ ଚନ୍ଦ୍ର ଗଉଡ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



# ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧରେ ଦୁଇପଦ କଥା

ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ଘେନି କିଛି କାଳ ହେଲା ଓଡିଶା ତଥା ଓଡିଶା ବାହାରେ ମଧ୍ୟ ବେଶ୍ ଯୁକ୍ତତର୍କ ବାଦାନୁବାଦ ଲଗି ରହିଛି । ସେ ବାଦବିବାଦ ଯାହା ହେଉ ପଛେ ତହିରେ ଏକ ଆନନ୍ଦ ତଥା ଆଶ୍ୱାସନାର ବିଷୟ ଥିବା ଦେଖି ଯାଏ । ସେଇଟି ହେଲା, ସମସ୍ତେ କହନ୍ତି ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ।

ଏଇ ବିବାଦ ଆଜିର ନୁହେଁ, ସ୍ୱର୍ଗୀୟ ଡଃ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସ୍ୱର୍ଗୀୟ ପଣ୍ଡିତ ଶ୍ୟାମସୁନ୍ଦର ଧୀର, ପ୍ରାତଃ ସ୍ମରଣୀୟ ଗୁରୁ ଗୋୟକ ରତ୍ନ ହରିହର। ଶ୍ୟାମସୁନ୍ଦର କର ମହୋଦୟ ଏବଂ ପରୋକ୍ଷଭାବେ ସଙ୍ଗୀତ ରସିକ ନିଃସ୍ୱାର୍ଥପର ସଙ୍ଗୀତ ସାଧକ ସ୍ୱର୍ଗୀୟ ଗୋକୁଳି ଶ୍ରୀ ଚନ୍ଦନ, ମଧୁପର ପଟ୍ଟାୟତ, ସ୍ୱର୍ଗୀୟ ବଳଦେବ ଧୀର ଆଦି ବହୁରଥି, ମହାରଥିମାନେ ବହୁଦିନ୍ ଏ ଅଭିଯାନ ଆରମ୍ଭ କରି ଆସିଛନ୍ତି । ହେଲେ ଅଦ୍ୟାବଧି ରଥ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିନାହିଁ, ତଳ ଗଡି ଗଡି ଗଲିଛି । ପୂର୍ବ ଅଭିଯାନର ସୈନିକମାନେ ଏ ଗୁରୁ ଦାୟିତ୍ୱ ଅର୍ପଣ କରିଯାଇଛନ୍ତି, ତାଙ୍କ ପରବର୍ତ୍ତୀ ଦାୟାଦମାନଙ୍କ ହାତରେ, ସେମାନେ ଏ ରଥକୁ ନେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପତାକା ବାନ୍ଧିବେ ରଥରେ । ବିଜୟ ଟୀକା ପିନ୍ଧିବେ ମଥାରେ । ତେଣୁ ସେଇଥି ପାଇଁ ଏକ ବାଦବିବାଦ, ଯୁକ୍ତିତର୍କ, ରଣହୁଙ୍କାର ।

ଏ ବିବାଦର ମୂଳ କାରଣ ହେଲା ଓଡିଶୀ ସଙ୍ଗୀତର ରୂପ । କିଏ କହନ୍ତି ଏ ସଙ୍ଗୀତ ଉତ୍ତ୍ର ସଙ୍ଗୀତ । ଏହା କଳିଙ୍ଗ ସମ୍ରାଟ ମହାମେଘ ବାହନ ଖାରବେଳଙ୍କଠାରୁ ଆରମ୍ଭ ହୋଇଛି କିଏ କହନ୍ତି ଭକ୍ତକବି ଜୟଦେବ ଏ ସଙ୍ଗୀତର ମୂଳଦୁଆ ଟାଣ କରିଛନ୍ତି ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ସେ ଗୀତଗୋବିନ୍ଦ ଲେଖି ତହିଁରେ ରଗତାଳ ନିର୍ଦ୍ଦେଶ କରିଛନ୍ତି । ଆଉ କେହି କହନ୍ତି, "ନାହିଁ ହେ ..... ଏ ସଙ୍ଗୀତର ସେପରି କିଛି ପ୍ରାମାଣିକ ତଥ୍ୟ ବା ଇତିହାସ ନାହିଁ । ଆଗରୁ ରଗ ନିୟମ କିଛି ନ ଜଣି ଏଣୁତେଣୁ ଗୀତମାନ ଗାଉଥିଲେ । ଏବେ ୩୦।୩୫ ବର୍ଷ ହେଲ ରଗରଗିଣୀ ସହ ଆଳାପ ତାନ୍ ଖଞ୍ଜି ୧୦।୧୫ ମିନିଟ୍ ପର୍ଯ୍ୟନ୍ତ ଗାନ କରଯିବାକୁ ଚେଷ୍ଟା ହେଲଣି । ଏ ସଙ୍ଗୀତର ଏକ ଶୈଳୀ ଅଛି । ଏହା ଭରତୀୟ ସଙ୍ଗୀତର ରଗରଗିଣୀ ଆଧାରିତ ଏକ ଭିନ୍ନ ଶୈଳୀର ଗାନ ପ୍ରକାର । ଗାଉ ଗାଉ ଏହା ଦିନେ ଶାସ୍ତ୍ରୀୟ ସଙ୍ଗୀତ ହେଇଯିବ ।" ଏମିତି ଅଣ୍ଡାଳି ଅଣ୍ଡାଳି ହାତୀ ଦେଖି, ହାତୀ ରୂପ କୁଲ, ଖୁଣ୍ଟ ଓ ଦଉଡ଼ି ପରି ମତ ଦେଲଭଳି ପ୍ରତ୍ୟେକେ ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧେ ନାନା ମତ ଦିଅନ୍ତି । ତେଣୁ ଓଡ଼ିଶୀ ସଙ୍ଗୀତର ଅସଲି ରୂପ କ'ଣ, ସେ ନେଇ ତଣାଓଟଘ, ଭିଡ଼ ଭିଡ଼ି, ମୁହଁ ଫୁଲଫୁଲି ଆଦି ବାଦିଘାଇର ଆସର ଜମିଛି । ଏଇ ଅବସ୍ଥାର ସୁଯୋଗରେ ଦୁଇ ବିଲେଇଙ୍କର ପିଠାକଡ଼ିରେ ନ୍ୟାୟପତିର ସୁବିଧା ସୁଯୋଗ ଅନ୍ୟମାନେ ଉପଭୋଗ କରିଆସିଛନ୍ତି ।

ସେ ଯାହାହେଉ ସଙ୍ଗୀତ ସମ୍ବନ୍ଧେ ପ୍ରଥମ ପ୍ରାମାଣିକ ଗ୍ରନ୍ଥ ନାଟ୍ୟଶାସ୍ତ୍ର ମତେ ଓଡ଼ିଶୀ ସଙ୍ଗୀତ (ଉତ୍ତ୍ର ପ୍ରବୃତ୍ତୀୟ ଗାନ ପ୍ରକାର) ବହୁ ପ୍ରାଚୀନ । ଏହା ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ (ଆବନ୍ତୀ ଓ ଦାକ୍ଷିଣାତ୍ୟ ପ୍ରବୃତ୍ତୀୟ ଗାନ ପ୍ରକାର ସଙ୍ଗୀତର ସମକାଳୀନ ସମଧର୍ମୀ ତଥା ସମକକ୍ଷ ସଙ୍ଗୀତ । ଭରତୀୟ ସଂଗୀତର ମୌଳିକ ତତ୍ତ୍ୱାଧାର ଆଶ୍ରୟରେ ସମୟ କ୍ରମେ ପରିସ୍ଥିତି ଓ ପରିବର୍ତ୍ତନ ମଧ୍ୟରେ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଯେପରି ଭିନ୍ନ ଭିନ୍ନ ଶାସ୍ତ୍ରୀୟ ସଙ୍ଗୀତ ରୂପେ ରୂପାୟିତ, ଠିକ୍ ସେହିପରି ଓଡ଼ିଶୀ ସଙ୍ଗୀତ ମଧ୍ୟ ଏକ ଶାସ୍ତ୍ରୀୟ ସଙ୍ଗୀତ । ପରିସ୍ଥିତିର ସୁଯୋଗ ତଥା କିଛି ରଜପୃଷ୍ଠପୋଷକତା ଓ ପ୍ରଶ୍ରୟ ମାଧ୍ୟମର ଅନୁକୂଳ ବାତାବରଣ ହେତୁ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ଦୁଇଟି ଲେକ-ଲେଚନକୁ ଆସିଥିବା ସତ୍ତେ, ସମସାମୟିକ ଓଡ଼ିଶୀ ସଙ୍ଗୀତଟି ଅଦ୍ୟାବଧି

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଲେକଦୃଷ୍ଟିକୁ ଆସିପାରିନାହିଁ । ଏହା ଉତ୍କଳୀୟମାନଙ୍କ ପାଇଁ ଅତ୍ୟନ୍ତ ଦୁଃଖ, ଲଜ୍ଜା ଓ ଅନୁତାପର ବିଷୟ ।

ଏଠାରେ ଭରତୀୟ ସଙ୍ଗୀତ ମଧ୍ୟରେ ଓଡ଼ିଶୀ ସଙ୍ଗୀତର ସ୍ଥାନ ଏବଂ ତା'ର ଶାସ୍ତ୍ରୀୟ ପ୍ରମାଣ ସମ୍ବନ୍ଧରେ ଦୁଇପଦ କହିବା ନିତ୍ୟାନ୍ତ ଆବଶ୍ୟକ ହୁଏ । ସଂକ୍ଷେପରେ ତାହା ବୈଦିକ କାଳଠାରୁ ଆରମ୍ଭ କରି ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଏବଂ ପରବର୍ତ୍ତୀ ସାରଙ୍ଗଦେବଙ୍କ ରତ୍ନାକର ପର୍ଯ୍ୟନ୍ତ କିଛି ଶୈଳୀଭେଦ ଥାଇ ଶାସ୍ତ୍ରାଧାରରେ ଏକ ରୂପତା ଭବେ ଗତି କରିଥିଲ । ଉକ୍ତ ଏକ ରୂପତା ମଧ୍ୟ ଚତୁର୍ଦ୍ଦଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ସମାଧିକ ଭବେ ଚହିଥିବାର କୁହାଯାଇପାରେ ।

ପରବର୍ତ୍ତୀ ସମୟରୁ ଭରତୀୟ ସଙ୍ଗୀତରେ ବିଶେଷ ଭବେ ଦେଶୀ ସଙ୍ଗୀତର ପ୍ରଭାବ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ରାଗରାଗିଣୀମାନଙ୍କର ରୂପ ଓ ଲକ୍ଷଣ ଦିଗରେ ଅଧିକରୁ ଅଧିକ ମତଭେଦ ପ୍ରକାଶ ପାଇବାକୁ ଲାଗିଲ । ସେଇ ପ୍ରକ୍ରିୟା ମଧ୍ୟରେ ପଞ୍ଚଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ମଧ୍ୟରେ ଭରତୀୟ ସଙ୍ଗୀତରେ ବହୁ ମତ ସହିତ ଦେଢେ-ଗୁଡ଼ିଏ ସଙ୍ଗୀତ ଗ୍ରନ୍ଥ ଯଥା :— ଲୋଚନ ପଣ୍ଡିତଙ୍କର ରାଗ ତରଙ୍ଗିଣୀ, ପଣ୍ଡିତ ଅହୋବଳ କୃତ ସଙ୍ଗୀତ ପାରିଜାତ, କଲ୍ଲିନାଥ କୃତ ରତ୍ନାକର ଟୀକା, ରମାମେତ୍ୟ କୃତ ହରମେଳ କଳାନିଧି, ସୋମନାଥ କୃତ ରାଗ ବିବୋଧ, ଦାମୋଦର କୃତ ସଙ୍ଗୀତ ଦର୍ପଣ, ହୃଦୟ ନାରାୟଣ କୃତ ହୃଦୟ ପ୍ରକାଶ, କୃଷ୍ଣଦାଶ ବଡ଼ଜେନା ମହାପାତ୍ର କୃତ ଗୀତପ୍ରକାଶ, ଶ୍ରୀ ହରିଚନ୍ଦନ କୃତ ସଙ୍ଗୀତ ମୁକ୍ତାବଳୀ, ଭେଙ୍କଟମଖିଙ୍କ ରଚିତ ଚତୁର୍ଦ୍ଦଣ୍ଡୀ ପ୍ରକାଶିକା, ପଣ୍ଡିତ ରଘୁନାଥ ରାଓ କୃତ ନାଟ୍ୟ ମନୋରମା, ପଣ୍ଡିତ ପୁରୁଷୋତ୍ତମ ମିଶ୍ରଙ୍କର ସଙ୍ଗୀତ ନାରାୟଣ ଆଦି ଗ୍ରନ୍ଥମାନ ରଚିତ ହେବା ସହିତ କର୍ଣ୍ଣାଟକୀ, ହିନ୍ଦୁସ୍ଥାନୀ ଓ ଓଡ଼ିଶୀ ସଙ୍ଗୀତମାନଙ୍କର କ୍ରିୟା ତଥା ଶାସ୍ତ୍ରାଧାର ମଧ୍ୟରେ ଥିବା ପାର୍ଥକ୍ୟମାନ ଅଧିକରୁ ଅଧିକ ସ୍ପଷ୍ଟ ହୋଇ-ଉଠିଲ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଆଲୋଚିତ ଗ୍ରନ୍ଥମାନଙ୍କ ମଧ୍ୟରୁ ଗୀତପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ କଳ୍ପଲତିକା, ନାଟ୍ୟ ମନୋରମା, ସଙ୍ଗୀତ ନାରୟଣ ଆଦି ଗ୍ରନ୍ଥଗୁଡ଼ିକ ଉତ୍କଳୀୟ ଗ୍ରନ୍ଥ । କାରଣ, ଉକ୍ତ ଗ୍ରନ୍ଥର ଶାସ୍ତ୍ରାଧାର ମଧ୍ୟରେ ପ୍ରାୟତଃ ଏକ ମତ ଥିବା ଓ ଏହି ଗ୍ରନ୍ଥକର୍ତ୍ତାମାନେ ଏଇ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ଗ୍ରନ୍ଥଗୁଡ଼ିକ ଉତ୍କଳୀୟ ସଙ୍ଗୀତ ପରମ୍ପରାର ନିଜସ୍ୱ ସଙ୍ଗୀତ ଗ୍ରନ୍ଥ ବୋଲି ନିଃସନ୍ଦେହ ହୁଏ । ଗ୍ରନ୍ଥଗୁଡ଼ିକ ଗ୍ରାମ ମୂର୍ଚ୍ଛନା ଆଧାରିତ ।

ଅବଶ୍ୟ ଏହା ମଧ୍ୟ କୁହାଯିବ ଯେ, ସମୟ କ୍ରମେ ଭରତୀୟ ସଙ୍ଗୀତ କ୍ଷେତ୍ରରେ ଘଟଣାମ ଓ ରୂପ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଥିଲେ ହେଁ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ସଙ୍ଗୀତର ମୁଖ୍ୟ ବିଷୟ, ସ୍ୱର ସପ୍ତକଟିର ପ୍ରାୟଃ ସମାନତା ଥିଲ । ସଂକ୍ଷେପରେ ଏହି ସ୍ୱର-ସପ୍ତକଟି ହେଲ ଦହୁ ପୂର୍ବର ପ୍ରାଚୀନ ଷଡ଼ଜ ଗ୍ରାମର ପ୍ରଥମ ମୂର୍ଚ୍ଛନା, ପ୍ରାୟତଃ ଏହା ବର୍ତ୍ତମାନର ସା, ନି କୋମଳ ଯୁକ୍ତ ସା ରେ ଗା ମା ପା ଧା ନି, ହିନ୍ଦୁସ୍ଥାନୀ କାଫି ଥାଟ୍, ଉତ୍କଳୀୟ କର୍ଣ୍ଣାଟକୀ ଖରହର ପ୍ରିୟା ମେଳ ଓ ଓଡ଼ିଶୀ ସଙ୍ଗୀତର ଧନାଶ୍ରୀ ମେଳର ସ୍ୱର ।

ଦୁଃଖର କଥା ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଆରମ୍ଭ ପୂର୍ବରୁ ଭରତୀୟ ସଙ୍ଗୀତରେ ଥିବା ସର୍ବଶ୍ରେଷ ଏକାତ୍ମବାଧତା ପୁନଃ ପରିବର୍ତ୍ତିତ ହୋଇ କର୍ଣାଟକୀ ଓ ହିନ୍ଦୁସ୍ଥାନୀ ଭବେ ଦୁଇଟି ଭିନ୍ନ ଭିନ୍ନ ସଙ୍ଗୀତ ଧାରା ରୂପେ ପ୍ରବାହିତ ହୋଇଆସିଛି । ସମ୍ଭବତଃ କିଛି ବିଶେଷ କାରଣ ଫଳରେ ପୂର୍ବର ଭରତୀୟ ସଂଗୀତରେ ଥିବା ଏକାତ୍ମବୋଧତା ଆଉ ରକ୍ଷା କରପାଇ ପାରିଲା ନାହିଁ ବା ସେପରି ଚେଷ୍ଟା ମଧ୍ୟ କରଯାଇ ନାହିଁ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ସେ ଯାହା ହେଉ, ଶେଶୋକ୍ତ ସଙ୍ଗୀତ ଦୁଇଟିର ପ୍ରଭେଦ ସମ୍ବନ୍ଧେ କିଛି ବିସ୍ତର କରିବାକୁ ଘଇେ, ତହିଁରେ ଗାନଶୈଳୀ ସହିତ ଶ୍ରୁତି ସଂଖ୍ୟା ମଧ୍ୟରେ ସ୍ୱର ସ୍ଥାନ ଓ କେତେକ ସାଙ୍ଗୀତିକ ପରିଭାଷା ତଥା ତାଳାଦି ସହିତ ଘଘଗଗିଣୀ ମାନଙ୍କର ନାମକରଣ ଓ ମେଳ ସଂଖ୍ୟାର୍ଦ୍ଦରେ ପ୍ରଭେଦ-ମାନ ମୁଖ୍ୟ ।

ତେଣୁ ଏହା ନିଃସନ୍ଦେହ ହୁଏ ଯେ, ଉନବିଂଶ ଶତାବ୍ଦୀର କିଛି ପୂର୍ବ ସମୟଠାରୁ ଉକ୍ତ ଦୁଇଟି ସଙ୍ଗୀତ ପରମ୍ପରାରେ ଥିବା ପୂର୍ବ ପ୍ରଚଳିତ ଷଡ୍‌ଜ ଗ୍ରାମର ପ୍ରଥମ ମୂର୍ଚ୍ଛନାଗତ ଗା, ନି କୋମଳ ସ୍ୱର ସ୍ଥାନ ପରିବର୍ତ୍ତିତ ହୋଇ ସେ ସ୍ଥାନରେ ରେ ଗା ଧା ନି କୋମଳ ଯଥା :—

(ରେ) (ଧା)
ସା ରେ ଗା ମା ପା ଧା ନି, ସହଜରେ ଏହା

ସା ରେ ଗା ମା ପା ଧା ନି ସ୍ୱପ ରୂପେ ପରିବର୍ତ୍ତନ କରି

କର୍ଣ୍ଣାଟକୀ ସଙ୍ଗୀତର ଶୁଦ୍ଧ ସ୍ୱରସପ୍ତକ କନକାଙ୍ଗୀ ମେଳ ଓ ଟିକ୍ ସେହିପରି ପୂର୍ବ ମୂର୍ଚ୍ଛନା ସ୍ୱର ସ୍ଥାନରେ ଅନ୍ତର ଗାନ୍ଧାର ଓ କାକଳୀ ନିଷାଦ ଯଥା :— ସା ରେ ଗା ମା ପା ଧା ନି ପ୍ରୟୋଗ କରି ହିନ୍ଦୁସ୍ତାନୀ ସଙ୍ଗୀତର ବିଲବଲ ଥାଟ ପ୍ରସ୍ତୁତ କରଯାଇ ଉଭୟ ସଙ୍ଗୀତରେ ଶୁଦ୍ଧ ସ୍ୱର ସପ୍ତକ ଭିନ୍ନ ଭିନ୍ନ ଭାବେ ଗ୍ରହଣ କରଯାଇଛି ।

ଦୁର୍ଭାଗ୍ୟ ବଶତଃ ଏହି ସମୟରୁ କିଛି ରାଜନୈତିକ କାରଣ ତଥା ଅସାବଧାନତା ହେତୁ ପରିବର୍ତ୍ତିତ ହିନ୍ଦୁସ୍ତାନୀ ଶୁଦ୍ଧ ସ୍ୱର ସପ୍ତକଟି ଓଡିଶୀ ସଙ୍ଗୀତରେ ପ୍ରଚଳିତ ହୋଇ ଆସିଛି । ଫଳତଃ ସେହିଦିନଠାରୁ ଓଡ଼ିଶୀ ସଙ୍ଗୀତର ନିଜସ୍ୱ ରୂପ ପରିପ୍ରକାଶରେ କେତେକ ବାଧ ସୃଷ୍ଟି ହୋଇଛି ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଏବେ ଓଡ଼ିଶୀ ସଙ୍ଗୀତର ପ୍ରାଚୀନତା ତଥା ଶାସ୍ତ୍ରୀୟତାକୁ ଦୃଷ୍ଟିରେ ରଖି ଉତ୍ତଳୀୟ ସଙ୍ଗୀତ ପରମ୍ପରର ନିଜସ୍ୱ ପ୍ରାମାଣିକ ଗ୍ରନ୍ଥ ଗୀତ ପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ ନାରୟଣ ଆଦି ଗ୍ରନ୍ଥାଦିର ଆଧାରିତ ସ୍ୱର ସପ୍ତକକୁ ପ୍ରଚଳିତ ପ୍ରଚଳିତ ସ୍ୱର ସପ୍ତକରେ ଯଥାର୍ଥ ବିନିଯୋଗ କରଇ ଉତ୍ତଳୀୟ ସଙ୍ଗୀତ ଶାସ୍ତ୍ରର ନିଜସ୍ୱ ରଙ୍ଗରଙ୍ଗିଣୀ ଓ ପରମ୍ପରଗତ ରଙ୍ଗ-ରଙ୍ଗିଣୀମାନ ଗାନ କରି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରତିପାଦନ କରଇବା ହିଁ ଏକାନ୍ତ ଆବଶ୍ୟକ ହୁଏ ।

ବର୍ତ୍ତମାନର ପରିସ୍ଥିତି ତଥା ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରମାଣ ନିମିତ୍ତ ଏହାହିଁ ଏକମାତ୍ର ଉପଯୁକ୍ତ ପନ୍ଥା । ଏହା ବ୍ୟତୀତ ଓଡ଼ିଶୀ ସଙ୍ଗୀତ କେବେ ହେଁ ଯଥାର୍ଥ ରୂପ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ଭଳି ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ସଙ୍ଗୀତ ରୂପେ ସମ୍ମାନିତ ହେବା ସମ୍ଭବ ନୁହେଁ ।

ପ୍ରସ୍ତୁତ ପୁସ୍ତକରେ ଉପଯୁକ୍ତ ବିଗ୍ରହଧାର ମତେ ସଙ୍ଗୀତର ସମସ୍ତ ଆବଶ୍ୟକୀୟ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କିଛି ଶାସ୍ତ୍ରୀୟ ଓ କିଛି ପାରମ୍ପରିକ ଉତ୍ତଳୀୟ ନିଜସ୍ୱ ରଙ୍ଗରଙ୍ଗିଣୀମାନଙ୍କର ସ୍ୱରମେଳ, ବାଦି-ସମ୍ବାଦ, ଜାତି ଓ ସ୍ୱରସଙ୍ଗତି ମାନ ନିର୍ଣ୍ଣୟ କରଯାଇଛି । ଓଡ଼ିଶୀ ସଙ୍ଗୀତକୁ ବିଧିବଦ୍ଧ ଏକ ଶାସ୍ତ୍ରୀୟ ସଙ୍ଗୀତ ରୂପେ ପ୍ରତିଷ୍ଠା କରଇବାରେ ଏହା ହିଁ ଏକମାତ୍ର ଅଲଙ୍ଘନୀୟ ପନ୍ଥା ।

ଏହି ଉପାୟ ଦ୍ୱାରା ଗାନ ଶୈଳୀ ସହିତ ଆମେ ଆମ ନିଜସ୍ୱ ରଙ୍ଗ-ରଙ୍ଗିଣୀମାନ ଗାନ କରି ଓଡ଼ିଶୀର ସ୍ୱ-ଶାସ୍ତ୍ରୀୟତା ପ୍ରତିପାଦନ କରଇବା ପରେ, ଆମ ସଙ୍ଗୀତ ପରମ୍ପରରେ ଆମ ପୂର୍ବସୁରୀମାନଙ୍କ ଦ୍ୱାରା ଉତ୍ତଳୀୟ ସଙ୍ଗୀତ ଧାରା ମାଧ୍ୟମରେ ଆଧାରିତ ରଙ୍ଗ ରବେ ଗୃହୀତ ହୋଇ ଆସିଥିବା ରଙ୍ଗ ଯଥା :— କଲ୍ୟାଣ, କାଫି, କେଦାର, ଶଙ୍କରାଭରଣ, ଖମାଜ, ଗୌରୀ, ବିହାଗ; ବାହାର, ଜୟଜୟନ୍ତି, ଦେଶ, ଝିଲୁ, ପୁରବୀ,

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଲଳିତ, ସାବେରୀ, ମୋହନା, କିରବାଣୀ, କଳାବତୀ, କନ୍ଦୋଳୀ, ଭୈରବୀ ଆଦି ପରି ରଗ । ଅର୍ଥାତ ଯେଉଁ ଗୁଡ଼ିକ କି ଅତତଃ ଶତାଧିକ ବର୍ଷ ପୂର୍ବରୁ ଆମ ସଙ୍ଗୀତ ପରମ୍ପରାରେ ପ୍ରଚଳିତ ବୋଲି ପ୍ରମାଣିତ କରି-ହେବ, ସେପରି ରଗମାନ ଆମେ ଗାନ କରିବାରେ କୌଣସି ଅସୁବିଧା ରହିବ ନାହିଁ । ଅଧିକନ୍ତୁ ଏପରି ରଗମାନ ଆମେ ଆମ ନିଜସ୍ୱ ଗାନ ଶୈଳୀରେ ଗାନ କରି ଭରତୀୟ ସଙ୍ଗୀତରେ ଓଡ଼ିଶୀ ସଙ୍ଗୀତର ସ୍ଥାନକୁ ସୁଦୃଢ଼ କରାଇ ପାରିବା ସହଜ ଓ ସମ୍ମାନଜନକ କାର୍ଯ୍ୟ ହେବ । ଏହି ପନ୍ଥା ଦ୍ୱାରା ହିଁ ଓଡ଼ିଶୀ ସଙ୍ଗୀତ, ହିନ୍ଦୁସ୍ତାନୀ ସଙ୍ଗୀତ ଓ କର୍ଣ୍ଣାଟକୀ ସଂଗୀତର ସମକକ୍ଷ ଶାସ୍ତ୍ରୀୟ ସଙ୍ଗୀତ ଭାବେ ସମ୍ମାନିତ ହୋଇପାରିବ । ଅନ୍ୟଥା ବହୁ ପ୍ରାଚୀନ ଶାସ୍ତ୍ର ସମ୍ମତ ଆମର ଏ ପୂର୍ବର ଉଚ୍ଚତୀୟ ଶାସ୍ତ୍ରୀୟ ସଙ୍ଗୀତଟି ଚିରଦିନପାଇଁ ଲୋପ ପାଇଯାଇ କେବଳ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତର ରାଗରାଗିଣୀ ଆଧାରିତ ଏକ ମିଶ୍ର ଗାନ ପ୍ରକାର ଭାବେ ସବୁ ଦିନ ଲଗି ଏକ ପାରମ୍ପାରିକ ଲୋକଗୀତ ହୋଇ ରହିଯିବ ! କାରଣ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଭଳି ଓଡ଼ିଶୀ ସଂଗୀତରେ ଆଉ କୌଣସି ସ୍ୱତନ୍ତ୍ର ରାଗରାଗିଣୀ ରହିବ ନାହିଁ । ଓଡ଼ିଶୀ ସଂଗୀତର ସ୍ୱାତନ୍ତ୍ର୍ୟ ପାଇଁ ଅଦ୍ୟାବଧି କୌଣସି ଶାସ୍ତ୍ରଗତ ପ୍ରମାଣ ଉତ୍ଥାପନ କରାଯାଇ ପାରିନାହିଁ । ତେଣୁ ଶାସ୍ତ୍ର ପ୍ରମାଣ ନ ଥାଇ ଓଡ଼ିଶୀ ସଙ୍ଗୀତ ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତ ବୋଲି ଦାବୀ କରିବା ଯୁକ୍ତିଟି ବିଜ୍ଞ ଶ୍ରୋତା ତଥା ପଣ୍ଡିତ ମାନଙ୍କ ଦ୍ୱାରା ଏକ ନଗଣ୍ୟ ଦାବୀ ବୋଲି ବିଚାର କରାଯାଉଛି ।

ମୁଁ ଏଠାରେ ଦୃଢ଼ତାର ସହିତ କହୁଛି ଯେ, ଆମ ପୂର୍ବପୁରୁଷ-ମାନେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରମାଣ ପାଇଁ ଶାସ୍ତ୍ର ସହିତ ବହୁ ପାରମ୍ପାରିକ ରାଗରାଗିଣୀ ର ଏକ ସୁବୃହତ୍ ଗଡାଇର ଆମ ପାଇଁ ରଖି-ଯାଇଛନ୍ତି । ଆମେ ସେଗୁଡ଼ିକର ସଦ୍ବ୍ୟବହାର କରି ନ ପାରି ତାର ଲୁଗା ପିନ୍ଧି ଯାତକୁ ଯାଇ ଲଜ୍ଜିତ ହେଉଛନ୍ତି । "କଳା ଗୌରବ ମଣ୍ଡିତା ଉନ୍ନତ ଦେଶର ଦାଯାଦ ମାନଙ୍କ ପକ୍ଷେ ପହାଡ଼ଠାରୁ ଦୁଃଖ ଓ ଲଜ୍ଜା ଆଉ କ'ଣ ଥାଇପାରେ ?

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ବନ୍ଧେ ମୋର ବକ୍ତବ୍ୟର ସାରାଂଶ ହେଲ ଏହି ଯେ; ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତରେ ଯେପରି (କେବଳ ୧୦।୧୨ଟି ରାଗ ବ୍ୟତୀତ) ଗାନ ଶୈଳୀ ସହିତ ଶବ୍ଦଶହ ଶାସ୍ତ୍ରସମ୍ମତ ଓ ପାରମ୍ପରିକ ଭାବେ ରାଗମାନ ଅଛି, ଯାହାଫଳରେ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଦୁଇଟି ସନ୍ଦର୍ଭରେ ଭିନ୍ନ ଭିନ୍ନ ଶାସ୍ତ୍ରୀୟ ସଙ୍ଗୀତ ରୂପେ ପରିଚିତ ହୁଏ, ଠିକ୍ ସେହିପରି ଆମ ଓଡିଶୀ ସଙ୍ଗୀତ ମଧ୍ୟ ନିଜସ୍ୱ ଗାନଶୈଳୀ ଓ ନିଜସ୍ୱ ରାଗରାଗିଣୀ ଦ୍ୱାରା ସ୍ୱୟଂସଂପୂର୍ଣ୍ଣ ଏକ ଶାସ୍ତ୍ରୀୟ ସଙ୍ଗୀତ ରୂପେ ସମ୍ମାନିତ ହେଉ । କେହି କେବେ ନକହୁ ବା କହିବାକୁ ସୁଯୋଗ ମଧ୍ୟ ନପାଉ ଯେ, ଓଡ଼ିଶୀ ସଙ୍ଗୀତରେ କୌଣସି ନିଜସ୍ୱ ଶାସ୍ତ୍ର ସମ୍ମତ ରାଗରାଗିଣୀ ନାହିଁ । ତାହା କେବଳ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ରାଗରାଗିଣୀ ଆଧାରିତ ଏକ ମିଶ୍ର ଗାନଶୈଳୀ ମାତ୍ର ।

ମୁଁ ଆଶା କରେ ଯେ ଏବେ ମୋର ବକ୍ତବ୍ୟ ସମସ୍ତ ଭଦ୍ରଜୀୟ ସଂସ୍କୃତିପ୍ରେମୀ ଗାୟକ, ବାଦକ, ଗବେଷକ, ଶିକ୍ଷକ, ଛାତ୍ରଛାତ୍ରୀ ତଥା ସ୍ୱାଭିମାନୀ ଭଦ୍ରଜୀୟ ସଙ୍ଗୀତ ଶ୍ରୋତାମାନେ ମଧ୍ୟ ବୁଝିପାରିଥିବେ ।

ସର୍ବଶେଷରେ ମୁଁ ସଂପୂର୍ଣ୍ଣ ଆତ୍ମବିଶ୍ୱାସ ତଥା ସମ୍ମାନର ସହିତ ସମସ୍ତଙ୍କୁ ବିନୀତ ଅନୁରୋଧ କରୁଛି କି, ସମସ୍ତେ ବ୍ୟକ୍ତିଗତ ବାଦବିବାଦ ତଥା ପରସ୍ପର ଅସୂୟା ମନୋଭାବ ପରିତ୍ୟାଗ କରି ଯଦି ମୋ ବିଶ୍ୱରେ କେଉଁଠି କିଛି ତ୍ରୁଟି ରହିଯାଇଥାଏ, ତାହ ସହୃଦୟତାର ସହିତ ଯଥୋଚିତ ପରିମାର୍ଜିତ କରାଇ ଓଡିଶୀ ସଙ୍ଗୀତକୁ ଏକ ଯଥାର୍ଥ ଶାସ୍ତ୍ରୀୟ ସଙ୍ଗୀତ ରୂପେ ପ୍ରତିଷ୍ଠିତ କରାଇବାରେ ସହଯୋଗ କରି ଉତ୍କଳର ସଙ୍ଗୀତ ବିଭବମୟ ଗୌରବକୁ ଉଦ୍‌ଜୀବିତ କରାଇ ଗୌରବାନ୍ୱିତ ହୁଅନ୍ତୁ ।

ପୁସ୍ତକଟିର ପ୍ରସ୍ତୁତି ପାଇଁ ମୋର ପରମପୂଜ୍ୟ ବାଲ୍ୟଗୁରୁ ବୟସାଧିକ୍ୟ ଗାୟକ ପଣ୍ଡିତ ଶ୍ରୀଯୁକ୍ତ ଦ.ମୋଦର ପଣ୍ଡା, ପୂଜ୍ୟ ସଙ୍ଗୀତ ସୁଧାକର ଶ୍ରୀଯୁକ୍ତ ବାଳକୃଷ୍ଣ ଦାଶ ଓ ମୋର ପୂଜ୍ୟ ବଡ଼ଭାଇ ସୁବିଖ୍ୟାତ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଗାୟକ ଶ୍ରୀଯୁକ୍ତ ନନ୍ଦକିଶୋର ପଣ୍ଡା ଆଦିମାନଙ୍କ ସହିତ ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ପୁରୀ, ବ୍ରହ୍ମପର ଆଦି ଅଞ୍ଚଳର ବହୁ ପୁରତନ ଛାନ୍ଦ ଚଉପଦୀ ଓ ପାରମ୍ପରିକ ଗାନ ତଥା ପାଇଗାୟକ ସର୍ବଶ୍ରୀ ଅନିରୁଦ୍ଧ ପାଣିଗ୍ରାହୀ, ଲକ୍ଷ୍ମୀଧର ନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଦୋଳଗୋବିନ୍ଦ ସେନାପତି, କଣ୍ଡ ରିଚରଣ ରଉତ, ନଟବର ଶତପଥୀ, ସୂର୍ଯ୍ୟମଣି ଦାସ, କିଶୋର ଚନ୍ଦ୍ର ଭରତୀ ଆଦି ବହୁ ଗୁଣୀଜନମାନେ ପ୍ରାଚୀନ ଗୀତମାନଙ୍କର ସଂଗ୍ରହ ତଥା ସ୍ୱରଲିପି ପ୍ରସ୍ତୁତି ବିଷୟରେ ମୋତେ ଅକୁଣ୍ଠିତ ସାହାଯ୍ୟ ଓ ସହାନୁଭୂତି ସହିତ ନାନାଭାବେ ଉତ୍ସାହିତ କରି-ଥିବାରୁ ମୁଁ ସେ ସମସ୍ତଙ୍କଠାରେ ଋଣୀ । ପୁସ୍ତକଟିର ପ୍ରକାଶ ଓ ଗବେଷଣା ବିଷୟରେ ମୋତେ ସ୍ୱରଝଙ୍କାର ସଙ୍ଗୀତ ଅନୁଷ୍ଠାନର କର୍ମକର୍ତ୍ତା ତଥା ଛାତ୍ର ପ୍ରତିମ ଅଧ୍ୟାପକ ବନ୍ଦ କେ. ଗମାରଓ ପାତ୍ର, ଛାତ୍ର ଶ୍ରୀମାନ୍ ବୈକୁଣ୍ଠ ଶତପଥୀ, ପଶାନ୍ତ ସାମଲ, ଉମେଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ଭୁବନ ମୋହନ ପ୍ରଧାନ ଆଦି ବହୁ ଛାତ୍ର ଏବଂ ମୋର ଦୁଇ କନ୍ୟା ଆୟୁଷ୍ମତୀ ସଂଗୀତା ତଥା ସରିତା ଆଦି ମତେ ବହୁ ବିଷୟରେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ ମୋର ଆନ୍ତରିକ ସ୍ନେହାଶୀର୍ବାଦ ଜ୍ଞାପନ କରୁଛି । ମୋର ଛାତ୍ରୀ ତଥା ବିଖ୍ୟାତ ଗାୟିକା ଶ୍ରୀମତୀ ଭୁବନେଶ୍ୱରୀ ମିଶ୍ର ସବୁବେଳେ ମୋତେ ବିଶେଷ ଉତ୍ସାହ ପ୍ରେରଣା ଦେଇଥିବାରୁ ମୁଁ ତାକୁ ସ୍ନେହାଶୀର୍ବାଦ ତଥା ଧନ୍ୟବାଦ ଜଣାଉଛି ।

ମୁଁ ସ୍ୱୀକାର କରୁଛି, ଏମାନଙ୍କର ସାହାଯ୍ୟ ଓ ଜାଜିଆ ସାଆନ୍ତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କୃପା ବିନା ମୁଁ ଏ ଦୁଃସାଧ୍ୟ କାର୍ଯ୍ୟ କରିପାରି ନଥାନ୍ତି । ପୁସ୍ତକଟି ଯଦି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ତଥା ମୋର ପ୍ରିୟ ଛାତ୍ରଛାତ୍ରୀମାନଙ୍କର କିଞ୍ଚିତ୍ ଶିକ୍ଷା ଓ ସେବାରେ ସାହାଯ୍ୟ କରିବ, ତେବେ ମୋର ସମସ୍ତ ଶ୍ରମ ସାର୍ଥକ ମଣିବି ।

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କୃପା ଶିକ୍ଷା ସହିତ
ସମସ୍ତଙ୍କୁ ଯଥାବିହିତ ସମ୍ମାନ ଓ ଶୁଭେଚ୍ଛାସହ

ବିନୀତ ଲେଖକ

**ଗୋପାଳ ଚନ୍ଦ୍ର ପଣ୍ଡା**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

# ସୂଚୀପତ୍ର

ଗୀତ ପ୍ରକାଶ, ସଙ୍ଗୀତ ମୁକ୍ତାବଳୀ, ସଙ୍ଗୀତ ନାରାୟଣ ଆଦି,
ଉତ୍କଳୀୟ ନିଜସ୍ୱ ଗ୍ରନ୍ଥାଧାରିତ ରାଗ


।୧। ଆଉରୀ, ଚେତ୍ରି, ।୨। କାନାଡା, କୌଶିକ, ।୩। ଦେବକରୀ, ଦେଶପାଳ, ।୪। ଧନ୍ୟାସୀ, ନର ନାରାୟଣ, ।୫। କାମୋଦ, ଗୋଡୀ, ।୬। ତାରା, ନାଗଧ୍ୱନୀ ।୭। ପ୍ରଥମ ମଞ୍ଜରୀ, ଲଳିତା, ।୮। ଶାବରୀ, ସୋମ, ।୯। ମଧୁକରୀ, କୋଳାହଳ, ।୧୦। ଖମ୍ବାବତୀ, ଗୁର୍ଜ୍ଜରୀ, ।୧୧। ଗୁଣ୍ଡକେରୀ, ଘଣ୍ଟାରବ, ।୧୨। ଛୁୟାତୋଡ଼ି, ଦେଶାକ୍ଷ, ।୧୩। ଦେଶୀ, ଧନାଶ୍ରୀ, ।୧୪। ବଙ୍ଗାଳ, ବସନ୍ତ, ।୧୫। ବେଲାବଳୀ, ଭୈରବ, ।୧୬। ମଲ୍ଲାର, ମଧ୍ୟମାଦୀ, ।୧୭। ମାଳବ, ମେଘ, ।୧୮। ରାମକେରୀ, ।୧୯। ସୈଧବୀ, ପାହାଡୀ,


ଉତ୍କଳୀୟ ନିଜସ୍ୱ ପାରମ୍ପରିକ ରାଗ,


।୨୦। ଆହାରୀ, ।୨୧। କାମୋଦୀ, କେଦାର ଗୌଡା, ।୨୨। କେଦାର କାମୋଦୀ, କଲ୍ୟାଣ ଆହାରୀ, ।୨୩। କଳହଂସ, କର୍ଣ୍ଣାଟ, ।୨୪। କୌଶିକ, ଖଣ୍ଡ କାମୋଦୀ, ।୨୫। ତୋଡ଼ି, ପରଜ ।୨୬। ତୋଡ଼ି ପରଜ, ତୋଡ଼ି ଜଙ୍ଗଲା, ।୨୭। ପଞ୍ଚମ ବରାଡ଼ି, ।୨୮। ନଳିନୀ ଗୌଡା, ପଞ୍ଚମ, ।୨୯। ଦେଶ ବରାଡ଼ି, ଜଙ୍ଗଲା, ।୩୦। ଚିନ୍ତା ଭୈରବ, ତୋଡ଼ି ମୁଖାରୀ, ।୩୧। ତୋଡ଼ି ବଙ୍ଗାଳ, ।୩୨। ପିଲୁପୁରିଆ, ମଙ୍ଗଳ ବରାଡୀ, ।୩୩। ବଙ୍ଗଳାଶ୍ରୀ, ମଙ୍ଗଳ ଗୁର୍ଜ୍ଜରୀ, ।୩୪। ମଙ୍ଗଳ ଧନାଶ୍ରୀ, ମଙ୍ଗଳ


Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

କାମୋଦୀ, ।୩୫। ମଙ୍ଗଳ କେଦାର, ମାଳଶ୍ରୀ, ।୩୬। ମାଳଶ୍ରୀ ଗୌଡ଼ା ।୩୭। ମଙ୍ଗଳ କୌଶିକ, ମଧୁଶ୍ରୀ, ।୩୮। ମରୁଆ, ଲଳିତ, ।୩୯। ଲଳିତ କାମୋଦୀ, ।୪୦। ଲଳିତ ବସନ୍ତ, ଶୋକ କାମୋଦୀ, ।୪୧। ଶୋକ ବରାଡ଼ୀ, ସୁରଠୀ, ।୪୨। ସୁରଠ ଗୁର୍ଜ୍ଜରୀ, ସୁରଠ କେଦାର, ।୪୩। ପାହାଡ଼ିଆ କେଦାର, ପୁନ୍ନାଗ, ।୪୪। ପୁନ୍ନାଗ ବରାଡ଼ୀ, ପଟ୍ଟ ମଞ୍ଜରୀ, ।୪୫। ମଙ୍ଗଳ, ସିନ୍ଧୁ କାମୋଦୀ, ।୪୬। ମଧୁ ଶାରଙ୍ଗ, ନଟ ସାରଙ୍ଗ, ।୪୭। ଚିନ୍ତା କେଦାର, ।୪୮। କୁସୁମ କେଦାର ।

ଉତ୍କଳୀୟ ସଙ୍ଗୀତ ସମ୍ପ୍ରଦାୟର ନିଜସ୍ୱ ତାଳ ପରିଚୟ-
କ ଠାରୁ ଣ ପର୍ଯ୍ୟନ୍ତ ।

। ଘ । ଆଦିତାଳ, । ଙ । ଯତିତାଳ, ଆଡ଼ତାଳି, । ଚ । ସରିମାନ । ଛ । କୁଡ଼ୁକ, ଅଟ୍ଟ, । ଜ । ଝମ୍ପା, । ଝ । ମଠା, ଆଠତାଳି, । ଞ । ସିପଟ, । ଟ । ରୂପକ, ଖେମଟା, ଝୁଲା, । ଠ । ଖଣ୍ଡଝମ୍ପା, ଏକତାଳି, ପହପଟ,

ଶାସ୍ତ୍ରା ଧାରିତ ୨୧ଟି ରାଗ ସଙ୍ଗୀତର ସ୍ୱରଲିପି,

।୧। ଆଭିରୀ, ।୩। ଚୈତ୍ରୀ, ।୬। କାନାଡ଼ା, ।୯। କୌଶିକୀ, ।୧୧। ଦେବକିରୀ, ।୧୪। ଦେଶପାଳ, ।୧୬। ଧନ୍ନାସୀ, ।୧୮। ନଟନାରାୟଣ, ।୨୧। କାମୋଦ, ।୨୪। ଗୋଡ଼ୀ, ।୨୬। ତାରା, ।୨୮। ନାଗଧ୍ୱନୀ, ।୩୧। ପ୍ରଥମ ମଞ୍ଜରୀ, ।୩୩। ଲଳିତା, ।୩୬। ଶାବରୀ, ।୪୦। ସୋମ, ।୪୩। ମଧୁକିରୀ, ।୪୫। କୋଳାହଳ, ।୪୯। ଖମ୍ବାବତୀ, ।୫୧। ଗୁର୍ଜ୍ଜରୀ, ।୫୩। ଗୁଣ୍ଡ କିରୀ,

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

## ରାଗ-ଆଭିରୀ

ଧାନ୍ତାଭିରୀ ଧୈବତଜା ରିହିନାଚ ଶୁଚୈ ପ୍ରଗେ ॥

( ସଙ୍ଗୀତ ନାରୟଣ, ସଙ୍ଗୀତମୁକ୍ତାବଳୀ )

ଆରୋହ—ସା ଗା ମା ପା ଧା ନି ସା' ବାଦୀ—ପା

ଅବରୋହ—ସା' ନି ଧା ପା ମା ଗା ସା ସମ୍ବାଦୀ—ସା

ମେଳ—କର୍ଣ୍ଣାଟ, ଜାତି—ଷାଡବ, ସମୟ—ମଧ୍ୟରାତ୍ର

ମୁଖ୍ୟାଙ୍ଗ—ଧା ଧା ନି ଧା ପା ମା ପା ଗା ମା ଗା ସା ଗା ମା ପା ଧା ପା

**

## ରାଗ-ଗ୍ରୌଡି (ଆମ୍ରପଞ୍ଚମ)

ଆନ୍ଧ୍ରୀଜାତି ସମୁତ୍ପନ୍ନଃ ମଧ୍ୟମ ଗ୍ରାମ ଗୋଚରଃ
ଗାନ୍ଧାରାଂଶ ଗ୍ରହନ୍ୟାସୋ ରଗ ସ୍ୟାଦାମ୍ର ପଞ୍ଚମ ॥

(ଗୀତ ପ୍ରକାଶ, ସଂ. ନା, ସଂ ମୂ)

ଆରୋହ—ସା ରେ ଗା ମା ପା ଧା ନି ସା' ବାଦୀ—ଗା

ଅବରୋହ—ସା' ନି ଧା ପା ମା ଗା ରେ ସା ସମ୍ବାଦୀ—ଧା

ମେଳ—ଶ୍ରୀ, ଜାତି—ସଂପୂର୍ଣ୍ଣ, ସମୟ—ରାତ୍ର ୨ୟ ପ୍ରହର

ମୁଖ୍ୟାଙ୍ଗ—ଗା ମା ପା ଧା ନି ଧା ପା ମା ଗାରେଗାରେ ସାରେ ଗାମାଗା

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—କାନଡ଼ୀ ବା କାନଡ଼ା

ତୀବ୍ର ଗାନ୍ଧାର ସମନ୍ୱା ମଧ୍ୟମୋଦ୍‌ଗ୍ରାହ ଧାତ୍ତିମା ।
ଶାଂସ ସ୍ୱରେଣ ସଂଯୁକ୍ତା କାନଡ଼ୀ ସା ବିରଜତେ ॥

( ସଙ୍ଗୀତ ପାରିଜାତ )

ଆରୋହ—ସା ରେ ଗା ମା ପା ମା; ମା ପା ଧା ନି ସାଁ ବାଦୀ—ସା

ଅବରୋହ—ସାଁ ନି ଧା ପା ମା ଗା ମା ଗା ରେ ସା, ସମ୍ବାଦୀ—ମା

ମେଳ—୬୩, ଜାତି—ବଜ୍ରସଂପୂର୍ଣ୍ଣ, ସମୟ—ରାତ୍ର ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ—ମାପାଧା ମାଧାପାମା ଗାରେସା, ସାରେଗାମାପାମା ।

**

## ରାଗ—କୌଶିକୀ

ଷଡ଼ଜନ୍ୟାସ ଗ୍ରହାଂଶେୟଂ କୌଶିକି କଂପ୍ରମଧ୍ୟମା ।
ସଂପୂର୍ଣ୍ଣା ଷଡ୍‌ଜ ବହୁଳା ଗେୟାମଙ୍ଗଜ କର୍ମାଣି ॥

( ସଙ୍ଗୀତ ମୁକ୍ତାବଳୀ )

ଆରୋହ—ସା ରେ ଗା ମା ପା ମା, ମା ପା ଧା ନି ସାଁ ବାଦୀ—ସା

ଅବରୋହ—ସାଁ ନି ଧା ପା ମା ଗା; ମା ଗା ରେ ସା ସମ୍ବାଦୀ—ମା

ମେଳ—ଧନାଶ୍ରୀ, ଜାତି—ସଂପୂର୍ଣ୍ଣ, ସମୟ—ରାତ୍ର ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ—ସାସାରେଗାମାପାମା,ମାପାଧାପାମାଗା,ମାଗାରେସା, ସାରେଗାମା

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ - ଦେବକିରୀ

ଷଡ଼ଜନ୍ୟାସ ଗ୍ରହାଂଶୈଷା ବୀରେ ଦେବକିରୀମତା ।
ସଂପୂର୍ଣ୍ଣା ସର୍ବକାଳେବୈ ଗେୟେୟଂ ଋତୁ ସଟକଜେ ॥
(ସଙ୍ଗୀତ ମୁକ୍ତାବଳୀ)

ଆରେହ–ସା ରେ ଗା ମା ପା ଧା ନି ପା ସାଂ ବାଦୀ– ସା

ଅବରେହ–ସାଂ ନି ଧା ପା ମା ଗା ରେ ସା ସମ୍ବାଦୀ–ପା

ମେଳ–ଧନାଶ୍ରୀ, ଜାତି–ସଂପୂର୍ଣ୍ଣ,
ସମୟ–ଦିନ ତୃତୀୟ ପ୍ରହର ଉତ୍ତରଙ୍ଗ ପ୍ରଧାନ
ମୁଖ୍ୟାଙ୍ଗ–ପା ସା ନି ସାଂ ଧା ନିସା'ରେ'ସା'ରେ'ଗା'ରେ'ସା'ନିଧାପାସା'

**

## ରାଗ - ଦେଶପାଳ

ଟକ୍‌କାନ୍ୟୟ ସମ୍ଭୁତା ଦେଶପାଳ ରିପୋଦ୍ଭିତଃ
ସାନ୍ଦୋଳ ଷଡଜ କଳିତୋ ନି ନ୍ୟାସ ଗ୍ରହଣାଂଶକଃ ॥
( ଗୀ.ପ୍ର, ସଂ.ନା, ସଂ.ମୁ )

ଆରେହ–ସା ଗା ମା ଧା ନି ସାଂ ବାଦୀ–ନି

ଅବରେହ–ସାଂ ନି ଧା ମା ଗା ସା ସମ୍ବାଦୀ–ଗା

ମେଳ–ଗୌରୀ, ଜାତି–ଔଡ଼ବ, ସମୟ–ଦିନ ୪ର୍ଥ ପ୍ରହର
ଖ୍ୟାଙ୍ଗ–ନି ନି ଧା ମା ଗା ସା, ଗା ମା ଧା ନି ସାଂ ନି ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ ଧନ୍ୟାସୀ

ଷାଂଶା ଧନ୍ୟାସୀକାଜାତା ସ୍ଥଵକୈଶିକ ମଧ୍ୟମାତ୍ ।
ଷଡ଼୍ଜଗ୍ରହା ମଧ୍ୟମାନ୍ତା ରିହିନା ବିଜୟେ ସଦା ॥

( ସଂ.ମୂ, ସଂ.ନା )

ଆରୋହ...ସା ଗା ମା ପା ମା; ଗାମାପାଧାନିପାଧାନିସା' ବାଦୀ...ସା

ଅବରୋହ...ସା' ନି ଧା ପା ମା ଗା, ମା ଗା ସା ନି ସା ସମ୍ବାଦୀ...ମା

ମେଳ...ଧନାଶ୍ରୀ ବା ପରମେଳଘତ, ଜାତି...ବକ୍ରଷାଡ଼ବ, ଦୁଇ ଗା ଦୁଇ ନି

ସମୟ...ଦିନ ଶୀୟ ପ୍ରହର, ଉତ୍ତରଙ୍ଗ ପ୍ରଧାନ ରଗ ।

ମୁଖ୍ୟାଙ୍ଗ...ମା ଗା ମା ପା ଧା ନି ପା ଧା ନି ସା'

ସା' ନି ଧା ପା ମା ଗା, ମା ଗା ସା ନି. ସା

**

## ରାଗ—ନଟନାରାୟଣ

ଧୈବତାଂଶ ଗ୍ରହ ନ୍ୟାସୋ ନଟନାରୟଣୋଦିବା ॥

(ସେ. ନା, ସଂ ମୂ)

ଆରୋହ...ସା ରେ ଗା ମା ପା ଧା ନି ଧା, ପା ଧା ନି ସା' ବାଦୀ...ଧା

ଅବରୋହ...ସା' ନି ଧା ପା ଧା ମା ଗା ଗା ମା ରେ ସା ସମ୍ବାଦୀ...ରେ

ମେଳ—ଶ୍ରୀ, ଜାତି—ବକ୍ର ସମ୍ପୂର୍ଣ୍ଣ, ସମୟ—ଦିବା ଶୀୟ ପ୍ରହର, ଦୁଇ ନି

ମୁଖ୍ୟାଙ୍ଗ—ସା ରେ ଗା ରେ, ଗା ମା ପା ଧା ନି ଧା

ପା ଧା ମା ପା ଗା ମା ରେ ସା

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—କାମୋଦ

କାମୋଦ କରୁଣେ ହାସ୍ୟେ ନିତାର ବହୁ କମ୍ପନ ।
ଷାଡ଼ଜୀ ଜାତି ଗ୍ରହାଂଶୈଷୋ ଯାମାର୍ଦ୍ଧ ନ୍ୟାସ ମନ୍ଦ୍ରଗଃ ॥

(ସଂ.ମୁ . ସଂ.ନା, ଗୀ ପ୍ର)

ଆରୋହ—ସା ରେ ଗା ମା ମାମା ମା ଧା ନି ସାଂ ବାଦୀ—ସା

ଅବରୋହ—ସାଂ ନି ଧା ମା ଧା ମା ମା ମାଗାରେସା ସମ୍ବାଦୀ—ମା

ମେଳ—ଶୋକ ବରଡ଼ି ବା ପରମେଳଗତ, ଦୁଇ ମଧ୍ୟମ,
ଜାତି—ବଭ୍ରଷାଢ଼ବ, ସମୟ—ମଧ୍ୟରାତ୍ରୀ

ମୁଖ୍ୟାଙ୍ଗ—ମା ଧା ମା ମା, ମା ଗା ରେ ସା ରେ ଗା ମା ମା ମା

## ରାଗ - ଗୌଡ଼ୀ

ଗୌଡ଼ୀଷାଂଶ ଗ୍ରହନ୍ୟାସା ଜାତା ମାଳବ କୌଶିକାତ୍
ବୀର ଶୃଙ୍ଗାରୟୋ ର୍ଗେୟା ସକମ୍ପାନ୍ଦୋଳିତସ୍ୱର ।

( ଗୀ. ପ୍ର, ସଂ. ନା, ସଂ. ମୁ )

ଆରୋହ—ସା ଗା ମା ଧା ନି ଧା ମା, ମା ଧା ନି ସା ବାଦୀ—ସା

ଅବରୋହ—ସାଂ ନି ଧା ମା ଗା ରେ ସା ସମ୍ବାଦୀ—ମା

ମେଳ—ଭୈରବୀ ବା ପରମେଳଗତ, ଦୁଇ ନି, ସମୟ—ରାତି ୨ୟ ପ୍ରହର
ମୁଖ୍ୟାଙ୍ଗ—ମା ଧା ନି ସା ନି ଧା ମା ଗା ସା ଗା ମା ଧା ମା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ତାରା

ତାରା ଦିବା ଉତ୍ତୌ ଯୁଦ୍ଧେ ନିଷାଦାଂଶ ମବର୍ଜୀତ ।

(ସଂ ନାଗୟଣୀ)

ଆରେହ—ସା ରେ ଗା ପା ଧା ନି ସାଂ ବାଦୀ—ନି

ଅବରେହ—ସାଂ ନି ଧା ପା ଗା ରେ ସା ସମ୍ବାଦୀ—ଗା

ମେଳ—ଧନାଶ୍ରୀ, ଜାତି—ଷାଢ଼ବ, ସମୟ—ଦିବା ୩ୟ ପ୍ରହର

ମୁଖ୍ୟାଙ୍ଗ—ନି ଧା ପା ଗା ରେ ଗା ରେ, ସା ରେ ଗା ପା ଧା ନି

## ରାଗ—ନାଗଧ୍ୱନି

ଟକ୍‌କାନ୍ୱୟୋଭବ ନାଗଧ୍ୱନି ରି·ଧ ବର୍ଜିତଃ ।

ଷଡ୍‌ଜନ୍ୟାସ ଗ୍ରହାଂ ଶୋୟଂ ଗେୟୋବୀର ର ସେ ଦିବା ।।

(ଗୀ. ପ୍ର, ସଂ. ନା, ସଂ. ମ୍)

ଆରେହ—ସା ଗା ମା ପା ନି ସାଂ ବାଦୀ—ସା

ଅବରେହ—ସାଂ ନି ପା ମା ଗା ଗା ସା ସମ୍ବାଦୀ—ପା

ମେଳ—ଧନାଶ୍ରୀ ବା ପରମେଳଗତ, ଦୁଇ ଗା, ଦୁଇ ନି,

ସମୟ—ଦିବା ୩ୟ ପ୍ରହର

ମୁଖ୍ୟାଙ୍ଗ—ଗା ମା ପା ନି ପା ସାଂ ନି ପା ମା ଗା, ଗାସା;ଗାମାପାନିସାଂ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ—ପ୍ରଥମ ମଞ୍ଜରୀ

ପଞ୍ଚମାଂଶ ଗ୍ରହନ୍ୟାସୀ ଧ-ରି ବାଗ ସମୋଜ୍ଜଟା ।
ଶୃଙ୍ଗାରେ ସ୍ନେହବେ ଗେୟା ପ୍ରାତଃ ପ୍ରଥମ ମଞ୍ଜରୀ ।।

(ଗୀ.ପ, ସଂ.ନା, ସଂ.ମୂ)

ଆରୋହ—ସା ରେ ଗା ମା ପା ଧା ନି ଧା ପା ସାଁ  ବାଦୀ—ପା

ଅବରୋହ—ସାଁ ନିଧାପାମ ଗାରେସାନିଧାପାସା  ସମ୍ବାଦୀ—ସା

ମେଳ—ଧନାଶ୍ରୀ, ଜାତି—ସଂପୂର୍ଣ୍ଣ, ସମୟ—ଘଡୀ ଶେଷ ।

ମୂଖ୍ୟାଙ୍ଗ—ପାଧାନିଧାରେଁସାଁନିଧାପ ମାଗାରେସାନିଧାରେପା

## ରାଗ—ଲଳତା

ଚକ୍ର ରାଗ ସମୁତ୍ପତା ଲଳିତା ଲଳିତ ସ୍ୱର ।
ଷଡ୍ଜ ନ୍ୟାସ ଗ୍ରହାଂଶାଚ ସମ୍ବଦ୍ଧା ରିପ ବର୍ଜିତା ।।

(ଗୀ.ପ, ସଂ.ନା, ସଂ.ମୂ)

ଆରୋହ—ସା ଗା ମା ଧା ନି ସାଁ  ବାଦୀ—ସା

ଅବରୋହ—ସା ନି ଧା ମା ଗା ସା  ସମ୍ବାଦୀ—ମା

ମେଳ—ଭୈରବୀ, ଜାତି—ଔଡ଼ବ, ସମୟ—ଘଡୀ ଶେଷ ।

ମୂଖ୍ୟାଙ୍ଗ—ମା ଧା ନି ସାଁ ଗାଁ ସାଁ ନି ଧା ମା ଗା ସା ଗା ମ ଧାନିସାଁ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ଶାବରୀ

ଶାବରୀ ଧୈବତାନ୍ତ.ଚ ଘଟାର ମନ୍ଦ୍ରମଧ୍ୟମା ।
ମ ଗ୍ରହାଂଶ ଶାନ୍ତ ଷଡ୍‌ଜାଚ ପହିନା ଜନ୍ତୁଣେ ମତା ।।

(ଗୀ.ସ୍ର, ସ ନା, ସ.ମୂ)

ଆରେହ—ସା ରେ ଗା ମା ଧା ନି ସାଂ  ବାଦୀ—ମା

ଅବରେହ—ସା ନି ଧା ମା ଗା ରେ ସା  ସମ୍ବାଦୀ—ସା

ମେଳ—ଧନାଶ୍ରୀ, ଜାତି—ଷାଢ଼ବ, ସମୟ—ଘଡୀ ୨ୟ ପ୍ରହର ।

ମୂଖ୍ୟାଙ୍ଗ—ମାଧାନିସାଂଦିଧା, ନିଧାମାଗାରେସା, ସାରେଗାମାଧା

## ରାଗ— ସୋମ

ଷାଡ଼ଜୀ ଜାତି ସମୁହଜା ଷଡ୍‌ଜନ୍ୟାସ ଗ୍ରହାଂଶକ
ନୀ ତାର ପ-ନି ବାହୁଲ୍ୟ ରସେବୀରେ ନିଯୁଜ୍ୟତେ ।।

(ଗୀ.ସ୍ର, ସ.ନା, ସମ୍)

ଆରେହ—ସାରେଗାମାପାମାପାଧାପା, ପାଧାନିସାଂ  ବାଦୀ—ସା

ଅବରେହ—ସାଂ ନି ଧା ପା ଧା ମା ଗା ରେ ସା  ସମ୍ବାଦୀ—ପା

ମେଳ—ଶୋଳ ବରଡ଼ି ବା ପରମେଳଗତ, ଜାତି—ବକ୍ରସମ୍ପୂର୍ଣ୍ଣ, ଉଭୟମଧ୍ୟମ
ସମୟ—ଦିବା ୩ୟ ପ୍ରହର ।
ମୂଖ୍ୟାଙ୍ଗ...ଗା ରେ ଗା ରେ ସା ରେ ଗା ମା ପା ମା ଗା ଧା ପା

ପା ଧା ମା ଗା ରେ ଗା ରେ ସା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ ମଧୁକରୀ

ଧାଂଶଗ୍ରହା ମଧୁକିରୀ ଗହୀନା କନ୍ତଣା ବିକେ

( ଫ. ନାରୟଣ )

ଆରୋହ–ସା ରେ ମା ପା ଧା ନି ସାଁ ବାଦୀ–ଧା

ଅବରୋହ–ସାଁ ନି ଧା ପା ମା ରେ ସା ସମ୍ବାଦୀ–ରେ

ମେଳ–୬ୀ, ଜାତି–ଷାଡ଼ବ, ସମୟ–ଦିବା ୨ୟ ପ୍ରହର

ମୁଖ୍ୟାଙ୍ଗ–ଧା ନି ଧା ପା ମା ରେ, ମାରେସା, ରେ ମା ପା ଧା ନି ଧା



## ରାଗ - କୋଲାହଳ

ଷଡ୍‌ଜନ୍ୟାସ ଗ୍ରହା କୋଳାହଳା ଚକ୍ର କୁଳୋଭବା ।

ମଧ୍ୟ ମାଂଶା ପ ହୀନା ଚ କଳହେ ଗମକୋହଟା ॥

(ଗୀ.ପ୍ର, ଫ.ମୁ , ଫ.ନା,)

ଆରୋହ–ସା ରେ ଗା ମା ଧା ନି ସାଁ ବାଦୀ–ମା

ଅବରୋହ–ସାଁ ନି ଧା ମା ଗା ରେ ସା ସମ୍ବାଦୀ–ସା

ମେଳ–ଶଙ୍କରଭରଣ, ଜାତି–ଷାଡ଼ବ, ସମୟ–ରାତ୍ର ୨ୟ ପ୍ରହର

ମୁଖ୍ୟାଙ୍ଗ–ମାଗାମାଧାନିସାଁନିଧାମାଗାରେସା, ସାରେଗାମା ଧାମା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ - ଖମ୍ବାବତୀ

ଧୈବତାଂଶ ଗ୍ରହନ୍ୟାସା ସାନ୍ଦୋଜ ମ-ନି ମଣ୍ଡିତା ।
ଖମ୍ବାବତୀ ପ-ହୀନା ଚ ଶୃଙ୍ଗାରେ ନିଶି ଗୀୟତେ ॥

(ଗୀ.ପ୍ର)

ଆରୋହ-ସା ରେ ଗା ମା ଧା ନି ସାଁ ବାଦୀ-ଧା

ଅବରୋହ-ସାଁ ନି ଧା ମା ଗା ରେ ସା ସମ୍ବାଦୀ-ରେ

ମେଳ-ଧନାଶ୍ରୀ, ଜାତି-ଷାଡ଼ବ, ସମୟ-ରାତ୍ରି ତୃତୀୟ ପ୍ରହର

ମୁଖ୍ୟାଙ୍ଗ-ଧାଧାନି ଧାମାଗାରେସା, ରେଗାମାଧାଧାନିଧା ।

❋❋

## ରାଗ - ଗୁଜ୍ଜରୀ

ଗୁଜରୀ ରୀ ଗ୍ରହାଂଶାନ୍ତା ଯାତା ପଞ୍ଚମ ଷାଡ଼ବାତ୍ ।
କୁଚିନ୍ ମାଂଶାପି ଧଷ୍ଟାଦୌ ଗେୟା ଶୃଙ୍ଗାର ବର୍ଦ୍ଧନୀ ॥

(ଗୀ.ପ, ସ.ମୁ, ସଂ.ନା)

ଆରୋହ-ସା ରେ ଗା ମା ପା ଧା ନି ସାଁ ବାଦୀ-ପା

ଅବରୋହ-ସାଁ ନି ଧା ପା ମା ଗା ରେ ସା ସମ୍ବାଦୀ-ସା

ମେଳ-ପ୍ରଚଳିତ ମତେ ଜଣ୍ଡାଟ, ଜାତି-ସମ୍ପୂର୍ଣ୍ଣ, ସମୟ-ରାତ୍ର ୨ୟ ପ୍ରହର
ମୁଖ୍ୟାଙ୍ଗ-ପା ଧା ନି ସାଁ ନି ଧା ପା ମା ଧା ପା ମା ଗା ରେ

ସା ରେ ଗା ମା ପା ଧା ପା

ଶାସ୍ତ୍ରରେ ରେ ବା ମା ବାଦୀ ନିର୍ଦ୍ଦେଶ ଥିଲେ ହେଁ, କିଛି ବିଶେଷ କାରଣ
ଓ ସହଜ ତଥା ସୁନ୍ଦରତା ପାଇଁ ପା ବାଦୀ ଗ୍ରହଣ କରଯାଇଛି ।

❋❋

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ ଗୁଣ୍ଡକରୀ ବା ଗୁଣ୍ଡକେରୀ

ଷଡ୍‌ଜ ନ୍ୟାସ ଗ୍ରହାଂଶୈଷା ଗୋଣଜୀ ମ ପ ବିସ୍ତୃତା ।
ରି-ଧ ହିନା ଦିନା ଦୌଚ ରାତବେଷ୍ଟ ରସେ ବୁଦ୍ଧୈଃ ॥

(ଗୀ.ସ, ସ.ମୂ , ସ ନା)

ଆରୋହ—ସା ଗା ମା ପା ନି ସାଂ ବାଦୀ—ସା

ଅବରୋହ—ସାଂ ନି ପା ମା ଗ ସା ସମ୍ବାଦୀ—ପା

ମେଳ—ଧନାଶ୍ରୀ, ଜାତି—ଔଡ଼ବ, ସମୟ—ଦିନ ତୃତୀୟ ପ୍ରହର

ମୁଖ୍ୟାଙ୍ଗ—ପା ନି ପା ସାଂ ନି ପା ମା ଗା ସା ଗା ମା ନି ପା

**

## ରାଗ—ଘଣ୍ଟାରବ

ଘଣ୍ଟାରବୋ ଧୈବତଜଃ ସତାପେ ସର୍ବଦା ତଥା ।

( ସ.ମୂ , ସ.ନା )

ଆରୋହ—ସା ରେ ଗା ମା ଧା ନି ସାଂ ବାଦୀ—ମା

ଅବରୋହ—ସାଂ ନି ଧା ମା ପା ଧା, ମା ଗା ରେ ସା ସମ୍ବାଦୀ—ସା

ମେଳ—ଭୈରବୀ, ଜାତି—ଷାଡ଼ବ, ବକ୍ର ସମ୍ପୂର୍ଣ୍ଣ, ସମୟ—ସର୍ବକାଳ

ମୁଖ୍ୟାଙ୍ଗ—ମା ଧା ନି ସାଂ ରେଂ ସାଂ ରେଂ ନି ଧା ମା ପା ଧା

ମା ଗା ରେ ସା ।

**

Dr. Urmila Sharma Collection, Varanasi

CC-0. In Public Domain, Digitizagtion by eGangotri


## ରାଗ-ଗୁଣ୍ଡାଚୋଲ

ଛ'ୟାତୋଡ଼ି ରି-ପ ତ୍ୟକ୍ତା ସପ୍ତତା ଷାଡ଼ବାନ୍ୱୟେ ।
ମୃଦୁଜମାସ୍ତ୍ରଗ ମାଂଶା ଗ୍ରହନ୍ୟାସା ଦିବାଡନୀ ॥

(ଗୀ.ସ୍ର, ସଂ ମୂ , ସଂ. ନା)

ଆରୋହ–ସା ଗା ମା ଧା ନି̲ ସା' ବାଦୀ–ମା

ଅବରୋହ–ସା' ନି̲ ଧା ମା ଗା ସା ସଂବାଦୀ–ସା

ମେଳ–ଶ୍ରୀ, ଜାତି–ଔଡ଼ବ, ସମୟ–ରାତ୍ର ୨ୟ ପ୍ରହର

ମୂଖ୍ୟାଙ୍ଗ–ମା ଗା ମା ଧା ନି̲ ଧା ମା ଗା ସା ନି̲ ସା ଗା ମା ଧା ମା

ସମୟ ଶାସ୍ତ୍ରରେ ଦିବା ନିର୍ଦ୍ଦେଶ ଥିଲେ ହେଁ କିଛି କାରଣ ହେତୁ ଏଠାରେ ରାତ୍ର ଗ୍ରହଣ କରଯାଇଅଛି ।

## ରାଗ--ଦେଶାକ୍ଷ

ଗାନ୍ଧାର ପଞ୍ଚମାଜାତା ଦେଶାକ୍ଷ.ର୍ଷଭ ବର୍ଜିତା ।
ଗାନ୍ଧାରାଂଶ ଗ୍ରହନ୍ୟାସା ଶାନ୍ତ ଶୃଙ୍ଗାରଯୋ ପରେ ॥

( ଗୀ.ସ୍ର, ସଂ ନା, ସଂ.ମୂ )

ଆରୋହ–ସା ଗା ମା ପା ଧା ନି ସା' ବାଦୀ ଗା

ଅବରୋହ–ସା' ନି ଧା ପା ମା ଗା ସା ସମ୍ବାଦୀ–ନି

ମେଳ–କଲ୍ୟାଣ, ଜାତି–ଷାଡ଼ବ, ସମୟ–ରାତ୍ରୀ ପ୍ରଥମ ପ୍ରହର

ମୂଖ୍ୟାଙ୍ଗ–ଗା ମା ପା ଧା ନି ଧା ପା ମା ଗା, ମାଗାସାନିସାଗାମାଗା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ--ଦେଶୀ

ରେବଗୁପ୍ତୋଭବା ଦେଶୀ ପତ୍ୟକ୍ତା ମନି ବିସ୍ତର ।
ଋଷଭଂଶ ଗ୍ରହା ପ୍ରାତର୍ଗେୟା କରୁଣୋ ଶାଡବୋଃ ॥

( ଗୀ.ପ, ଫ.ନା, ଫ.ମୂ )

ଆରୋହ–ସା ରେ ଗା ମା ଧା ନି ସା' ବାଦୀ-ରେ

ଅବରୋହ–ସା' ନି ଧା ମା ଗା ରେ ସା ସଂବାଦୀ ଧା

ମେଳ–ଭୈରବୀ, ଜା–ଷାଡ଼ବ, ସମୟ ରାତ୍ରୀ ୨ୟ ପ୍ରହର

ମୁଖ୍ୟାଙ୍ଗ–ରେ ଗା ରେ ନି ସା ରେ ଗା ମା ଧା ମା ଗା ରେ ନି ରେ ସା

## ରାଗ -ଧନାଶ୍ରୀ

ଆରୋହେ ରି-ଧ ହୀନା ସ୍ୟାତ୍ ପୂର୍ଣ୍ଣ ଶବ୍ଦ ସରୋଯୁତା ।
ଗାନ୍ଧାର ସ୍ୱର ପୂର୍ବ ସ୍ୟାଦ୍ଧନାଶ୍ରୀ ମଧ୍ୟମାନ୍ତକା ॥

( ସ' ପା )

ଆରୋହ–ସା ଗା ମା ପା ନି ସା' ବାଦୀ-ପା

ଅବରୋହ–ସା' ନି ଧା ପା ମା ଗା ରେ ସା ସଂବାଦୀ-ସା

ମେଳ–ଧନାଶ୍ରୀ, ଜାତି–ଔଡବ ସମ୍ପୂର୍ଣ୍ଣ, ସମୟ–ଦିବା ତୃତୀୟ ପ୍ରହର ।
ମୁଖ୍ୟାଙ୍ଗ–ପା ନି ଧା ପା ମା ଗା ରେ ସା ନି ସଂ ଗା ମା ପା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ--ବଙ୍ଗାଳ

ବଙ୍ଗାଳ କୈଶିକିଜାତଃ ଷଡ୍‌ଜନ୍ୟାସ ଗ୍ରହାଂଶକଃ ।
ସ-କମ୍ପା ମନ୍ଦ୍ର ଗାନ୍ଧାରଃ କରୁଣେ ପ୍ରହରତ୍ ପରମ୍ ॥

( ଗୀ ପ୍ର, ସ.ନା, ସ.ମୂ )

ଆରୋହ—ସା ରେ ଗା ମା ପା ଧା ନି ସା ବାଦୀ ସା

ଅବରୋହ—ସାଂ ନି ଧା ପା ମା ଗା ରେ ସା ସ୍ୱବାଦୀ ପା

ମେଳ—ଜଲ୍ୟାଣ, ଜାତି—ସମ୍ପୂର୍ଣ୍ଣ; ସମୟ—ଦିବସର ଶେଷଭାଗ

ମୁଖ୍ୟାଙ୍ଗ—ପାଧାନି ପାସାଂନିଧା ପାମାଗାରେ ଗାମାପାଧାନି ପାସାଂ

## ରାଗ--ବସନ୍ତ

ଷଡ୍‌ଜ ମଧ୍ୟମିକାଜାତଃ ଷଡ୍‌ଜନ୍ୟାସ ଗ୍ରହାଂଶକଃ
ଗେୟୋ ବସନ୍ତ ରାଗୋୟଂ ବସନ୍ତ ସମୟେ ବୁଦ୍ଧୈଃ ॥

( ଗୀ.ପ୍ର, ସ.ମୂ , ସ.ନା )

ଆରୋହ—ସା ରେ ଗା ମା ପା ଧା ନି ସାଂ ବାଦୀ-ସା

ଅବରୋହ—ସାଂ ନି ଧା ପା ମା ଗା ରେ ସା ସ୍ୱବାଦୀ-ପା

ମେଳ—ଶ୍ରୀ, ଜାତି—ସମ୍ପୂର୍ଣ୍ଣ, ସମୟ—ବସନ୍ତ ଋତୁ ବା ସର୍ବକାଳ

ମୁଖ୍ୟାଙ୍ଗ—ସାଂ ନି ଧା ନି ସାଂ ରେଂ ଗାଂ ରେଂ ସାଂନିଧାପାମାପାଧାନିସାଂ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ--ବେଲ୍ଲାବଳୀ

ବେଲବଲ୍ୟାଂ ଗନି ତିବ୍ରୋ ମୂର୍ଚ୍ଛନା ଗ୍ରଭିବ୍ରଦ୍‌ଗତା
ଆଗେହେ ମନି ହିନାଯମ୍ ଅଂଶ ଷଡ୍‌ଜେ ବୁଦ୍ଦେ ସ୍ଥୁଚଃ ॥

( ସଂ.ପା )

ଆଗେହ--ସା ରେ ଗା ପା ଧା ସାଂ ବାଦୀ-ସା

ଅବଗେହ--ସାଂ ନି ଧା ପା ମା ଗା ରେ ସା ସମ୍ବାଦୀ-ପା

ମେଳ--ଶଙ୍କରଭରଣ, ଜାତି--ଔଡ଼ବବଜ୍ରସମ୍ପୂର୍ଣ୍ଣ, ସମୟ. ଦିନ ପ୍ରଥମ ପ୍ରହର

ମୁଖ୍ୟାଙ୍ଗ - ସା'ସା'ସା'ରେ ସା'ନିଧାପାମାଗାରେ ଗାପାଧାସା' ଭରଗଙ୍ଗ

## ରାଗ - ଭୈରବ

ଭିନ୍ନଷଡଜ ସମୂହନ୍ତୋ ଭୈରବୋପି ଗି ପୋଛିତ
ଧ ଗ୍ରହାଂଶୋ ମଧ୍ୟମାନ୍ତୋ ଗେୟା ମଙ୍ଗଳ କର୍ମଣୀ ।

( ଗୀ ପ୍ର, ଫ ନା, ଫ.ମୁ )

ଆଗେହ...ସା ଗା ମା ଧା ନି ସାଂ ବାଦୀ ଧା

ଅବଗେଇ...ସାଂ ନି ଧା ମା ଗା ସା ସମ୍ବାଦୀ-ଗା

ମେଳ...ଶଙ୍କରଭରଣ, ଜାତି.. ଔଡ଼ବ, ସମୟ.. ଦିବା ପ୍ରଥମ ପ୍ରହର

ମୁଖ୍ୟାଙ୍ଗ - ଧାଧା ନିଧାନିଧା ଗାମାଗା ସାଗାମାଧା, ନିଧା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ -ମଲ୍ଲାର

ମଲ୍ଲାର ସ-ପା ହୀନୋଽୟଂ ସଂଜାତଃ ପଞ୍ଚମାନ୍ୱୟେ ।
ଧୈବତାଂଶ ଗ୍ରହନ୍ୟାସୋ ଗ-ମନ୍ଦ୍ର ର ସପ୍ତମଃ ॥

( ଗୀ.ପ୍ର, ଫ.ନା, ଫ ମୂ )

ଆରୋହ...ସା ରେ ଗା ମା ଧା ନି ରେଂ ସା ବାଦୀ-ଧା

ଅବରୋହ...ରେଂ ନି ଧା ମା ଗା ରେ ନି ରେ ସା ସମ୍ବା ଦୀ-ଗା

ମେଳ...ଭୈରବୀ, ଜାତି ଷାଡ଼ବ, ସମୟ-ବର୍ଷାରତୁ ରତ୍ରୀ ୩ୟ ପ୍ରହର

ମୁଖ୍ୟାଙ୍ଗ...ଧା ନି ସାଂ ଧା ନି ରେଂ ସାଂ ନି ଧା ମା ଗା,

ମା ଧା ନି ସାଂ ଧା ନି ରେଂ ସା ।

**

## ରାଗ--ମଧ୍ୟମାଦୀ

ମଧ୍ୟମାଦିର୍ମ ଗ୍ରହାତ୍ତୋ ମଧ୍ୟମ ଗ୍ରାମ ଗୋଚରଃ
ଅୟଂ ସାୟଂ ତୁରାତବ୍ୟଃ ଶୃଗାରେ ରୀ-ଧ ବର୍ଜିତଃ ।

( ଗୀ.ପ୍ର, ସଂ.ନା, ଷଂ.ମୂ )

ଆରୋହ...ସା ଗା ମା ପା ନି ସାଂ ବାଦୀ-ମା

ଅବରୋହ...ସାଂ ନି ପା ମା ଗା ସା ସମ୍ବାଦୀ-ସା

ମେଳ...ଶ୍ରୀ, ଜାତି...ଔଡ଼ବ, ସମୟ...ରତ୍ରୀ ୨ୟ ପ୍ରହର

ମୁଖ୍ୟାଙ୍ଗ...ମା ଗା ମା ପା ନି ସାଂ ନି ପା ମା ଗାସା ନିସାଗାମାପାମା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ ମାଳବ

ଟଳକାନ୍ୟ ସମୁଦ୍‌ଭୂତା ମାଳବୋଽପି ରି ପୋଚ୍ଚିତଃ
ନିଷାଦାଂଶ ଗ୍ରହନ୍ୟାସୋ ଗ-ଭୂରିଃ ଷ ଧ-ଜର୍ମିତଃ
ବୀର ଶୃଙ୍ଗାରଯୋଗେୟୋ ଦିନାନ୍ତେ ନିଶି ବା ବୁଧୈଃ ।

( ଗୀ.ପ୍ର, ସଂ.ମୂ , ଫ. ନା )

ଆରୋହ–ସା ଗା ମା ଧା ନି ସାଁ ବାଦୀ–ମା

ଅବରୋହ–ସାଁ ନି ଧା ମା ଗା ସା ସମ୍ବାଦୀ–ସା

ଶାସ୍ତ୍ରରେ ନିଷାଦ, ଗାନ୍ଧାର, ବାଦୀ ସଂବାଦୀ ନିର୍ଦ୍ଦେଶ ଅଛି ହେଲେ ଶ୍ରୁତି ମଧୁର ତଥା ଅନ୍ୟ କିଛି ବିଶେଷ କାରଣ ପାଇଁ ଏଠାରେ ମା ଓ ସା ବାଦୀ ସଂବାଦୀ ଗ୍ରହଣ କରଯାଇଅଛି । କେହି ଇଚ୍ଛା କଲେ ନି ଓ ଗା ବାଦୀ ସଂବାଦୀ ଗ୍ରହଣ କରିପାରନ୍ତି ।

ମେଳ–ଗୌରୀ, ଜାତି–ଔଡ଼ବ, ସମୟ–ରାତ୍ର ୨ୟ ପ୍ରହର
ମୁଖ୍ୟାଙ୍ଗ–ମା ଗା ମା ଧା ନି ଧା ମା ଗା ସା, ଗା ମା ଧା ମା

***

## ରାଗ · ମେଘ

ଧୈବତାଂଶ ଗ୍ରହନ୍ୟାସଃ ଷଡ଼୍‌ଜେ ଧୈବତିକୋଭବଃ
ଗେୟୋ ଧନାଗମେ ମେଘରଗୋଽୟଂ ମହତ୍ତାନକଃ ।

( ଗୀ.ପ୍ର, ସ.ମୂ , )

ଆରୋହ–ସା ରେ ଗା ମା ପା ଧା ନି ସାଁ, ଧା ନି ରେଁ ସାଁ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ଅବରୋହ—ସା ନି ଧା ପା ଧା ମା ଗା ରେ ସା

ମେଳ—ଭୈରବୀ, ଜାତି—ସଂପୂର୍ଣ୍ଣ, ବାଦୀ—ଧା, ସଂବାଦୀ—ରେ

ଧୈବତ ଋଷଭ ବାଦୀ ସଂବାଦୀ ହେଲେ ମଧ୍ୟ ଷଡଜ ମଧ୍ୟମ ବହୁତ

ବ୍ୟବହାର ହେବ ଓ ଉଗଟି ଉତ୍ତରଙ୍ଗ ହେବ ।

ମୁଖ୍ୟାଙ୍ଗ—ଧା ନି ସା ରେ ଗା ରେ ସା ରେ

ନି ସା ଧା ନି ସା ଧା ନି ରେ ସା ।

**

## ରଗ—ରମକରୀ ବା ରମକେରୀ

ରିକୋମଜା ଗତୀତ୍ରା ଯା ମତୀତ୍ରତର ସଂଯୁତା

ଧ କୋମଜା ନିତୀତ୍ରା ଚ ଖ୍ୟାତା ରମ କିରୀତି ସା ।

ଆରୋହେ—ମ ନି-ବର୍ଜ୍ୟସ୍ୟପ୍ତାଂଶା ଧୈବତ ମର୍ଚ୍ଛନା । (ସେ.ପା)

ଆରୋହ—ସା ରେ ଗା ପା ଧା ସା । ବାଦୀ-ପା

।

ଅବରୋହ—ସା ନି ଧା ପା ମା ଗା ରେ ସା । ସମ୍ବାଦୀ-ସା

ମେଳ—ବରାଡ଼ି, ଜାତି ଔଡ଼ବ ସଂପୂର୍ଣ୍ଣ

।

ମୁଖ୍ୟାଙ୍ଗ—ପା ଧା ସା ନି ଧା ପା ମା ଗା, ରେ ସା, ଗା ପା ଧା ପା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ--ସୈନ୍ଧବୀ ବା ସିନ୍ଧୁରା

ଶବ୍ଦମେଳୋ ଭବପୂର୍ଣ୍ଣୋ ଧୈବତାବିକ ମୂର୍ଚ୍ଛନା
ଆରୋହେ ରା ନି ବର୍ଜସ୍ୟାଦ୍ରାଗ ସୈନ୍ଧବ ନାମକ ।

(ସଂ.ପା.)

ଆରୋହ—ସା ରେ ମା ପା ଧା ସାଂ, ବାଦୀ-ସା

ଅବରୋହ—ସାଂ ନି ଧା ପା ମା ଗା ରେ ସା, ସଂବାଦୀ-ମା

ମେଳ—ଧନାଶ୍ରୀ, ଜାତି—ଔଡ଼ବ ସଂପୂର୍ଣ୍ଣ, ସମୟ—ରାତ୍ରୀ ୨ୟ ପ୍ରହର

ମୁଖ୍ୟାଙ୍ଗ—ମା ପା ଧା ସାଂ ରେଂ ନି ଧା ସାଂ ରେଂ ମାଂ ଗାଂ ରେଂ,

ସାଂ ରେ ନି ଧା ସାଂ

**

## ରାଗ--ପାହାଡ଼ୀ

ପାହାଡ଼ିକା ପ୍ରଭବତି ମେ ତର ସର୍ବତୀବ୍ରା
ମନ୍ୟଳ୍ପକା ସତତ ସଂଶ୍ରିତ ମନ୍ଦ୍ର ମଧ୍ୟା
ବିଦୀତ୍ୟ ଷଡ୍‌ଜ ଗ୍ରହ ପଞ୍ଚମ ମନ୍ତ୍ରୀଯୁକ୍ତଃ
ସଂଗୀୟତେ ସୁଚତରୈଃ ଖଳୁ ସର୍ବଦାଽସୌ ।

"କଳ୍ପଦୁମ"

ଆରୋହ—ସା ରେ ମା ପା ଧା ସାଂ ବାଦୀ-ସା

ଅବରୋହ—ସାଂ ନି ଧା ପା ମା ଗା ରେ ସା, ନି ଧା ସା, ସଂବାଦୀ-ପା

ମେଳ—ଶଙ୍କରାଭରଣ, ଜାତି—ଔଡବ ସମ୍ପୂର୍ଣ୍ଣ, ସମୟ—ରାତ୍ରି ୨ୟ ପ୍ରହର ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମୁଖ୍ୟାଙ୍ଗ...ମା ପା ଧା ସାଂ ନି ଧା ପା ମା ଗା ରେ ସା
ନି ଧା ଧା ଧା ସା ସା ରେ ଗା ସା ରେ ମା ଗା ମା
. . . .

ଶାସ୍ତ୍ରରେ ସା ପା ବାଦୀ ସଂବାଦୀ ନିର୍ଦ୍ଦେଶ ଥିଲେ ହେଁ ରାଗଟିର ସୁନ୍ଦରତା ପାଇଁ ପ୍ରାୟତଃ ସମସ୍ତେ ଏବେ ସା ଓ ମା ଅଧିକ ବ୍ୟବହାର କରିବାର ଦେଖାଯାଏ । ଏହା ଏକ ଶୃଙ୍ଗାର ରସପ୍ରଧାନ ରାଗ ।

**

## ପାରମ୍ପରିକ ତଥା କିଛି ଉତ୍କଳୀୟ ନିଜସ୍ୱ ମିଶ୍ରରାଗ

### ରାଗ--ଆହାରୀ

ଆରୋହ—ସା ଗା ମା ପା ଧା ନି ସାଂ ବାଦୀ-ମା

ଅବରୋହ—ସାଂ ନି ଧା ପା ମା ଗା ରେ ସା ସଂବାଦୀ-ସା

ମେଳ—ଭୈରବୀ, ଜାତି—ଷାଢବ ସମ୍ପୂର୍ଣ୍ଣ, ସମୟ—ପ୍ରାତଃକାଳ

ମୁଖ୍ୟାଙ୍ଗ—ମା ପା ଧା ନି ଧା ପା ମା ଗା ରେ ସା ନି ସା ଗା ମା ପାମା

ଆଜକୁ ତିନିଶହ ବର୍ଷ ପୂର୍ବରୁ ଅଦ୍ୟାବଧି ଉକ୍ତ ରାଗଟି ଉତ୍କଳରେ ପ୍ରଚଳିତ ଅଛି । ଦୀନକୃଷ୍ଣ, କବିସମ୍ରାଟ୍, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ ଆଦି କବିମାନେ ଉକ୍ତ ରାଗ ତାଙ୍କ କାବ୍ୟ କବିତାରେ ଗ୍ରହଣ କରିଛନ୍ତି ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ – କାମୋଦୀ ବା ଓଡ଼ଶୀ କାମୋଦୀ

ଆରୋହ–ସା ରେ ମା ପା ଧା ସା' ନି ଧା ପାଧାନିସା' ବାଦୀ-ପା

ଅବରୋହ–ସା' ନି ଧା ପା ମା ଗାରେ ଗା ରେ ସା ସଂବାଦୀ-ସା

ମେଳ–ଧନାଶ୍ରୀ ଜାତି-ଷାଢବ ସମ୍ପୂର୍ଣ୍ଣ ସମୟ-ଗଭୀ ଶେଷଭାଗ

ମୁଖ୍ୟାଙ୍ଗ–ପା ଧା ନି ଧା ସା' ନି ଧା ପା, ମା ଗା ରେ ସା ରେ ସା

ରେ ମା ପା ଧା ନି ଧା ପା ।

ଉପରୋକ୍ତ ରାଗଟି ଆଜକୁ ଦୁଇଶହ ବର୍ଷ ପୂର୍ବରୁ ଉତ୍କଳରେ ପ୍ରଚଳିତ ଅଛି । ଉତ୍କଳରେ ସର୍ବତ୍ର ଏକକ ଭାବେ ପ୍ରଚଳିତ ଥିବା ଗାନ ଯଥା– " ବାଧିଲ ପାଣି କ୍ଷମା " ବେଖି ନବ ବାଳିକା ଆଦି ଜେତୋଟି ଗୀତର ରାଗ-ବୃତ୍ତିରୁ ଉକ୍ତ ରାଗ ରୂପସ୍ଥିର କରାଯାରିଛି । ଅନ୍ତ କୋମଳ ଗା ବ୍ୟବହାର ଅଛି ।

**

## ରାଗ – କେଦାର ଚୌଡ଼ା

ଆରୋହ–ସାମାଗାମାରେ ମାପାଧାନି ଧାସା' ନିଧାପା ମାପାନିସା' ବାଦୀ-ପ

ଅବରୋହ–ସା' ନି ଧା ପା ମା ଗା ରେ ସା ସଂବାଦୀ ସା

ମେଳ–ଶ୍ରୀ; ଦୁଇ ନି ଜାତି-ବକ୍ର ସମ୍ପୂର୍ଣ୍ଣ ସମୟ-ଗଭୀ ଦ୍ୱିତୀୟ ପହର

ମୁଖ୍ୟାଙ୍ଗ––ମାଗାମାରେ ମାପା ଧାନିଧାସା'ନିଧାପା ମାପାନିସା' ପାସା'

ନିଧାପାମାଗା, ରେ ଗାରେପା ମାଗାରେସା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



କେଦାର ଓ ଗୌଡା ମିଶ୍ରିତ ଏହା ଏକ ମିଶ୍ରରଗ । ଉତ୍କଳିୟ ଗାନ ପରମ୍ପରର ଏହା ଏକ ନିଜସ୍ୱରଗ । ଏପରି ରଗ ନାମ ଓ ରୂପ ଅନ୍ୟତ୍ର ନାହିଁ ।

**

## ରଗ-କେଦାର କାମୋଦୀ

ଆରେହ—ସାମାଗାମାରେ ମାପ ଧାନିଧାପା ମାପାନିସା' ବାଦୀ ରେ

ଅବରେହ—ସା' ନି ଧା ପା ମା ଗା ରେ ସା ସଂବାଦୀ-ପା

ମେଳ—ଶ୍ରୀ; ଦୁଇ ନି । ଜାତି-ବକ୍ର ସମ୍ପୂର୍ଣ୍ଣ ସମୟ-ରତ୍ରୀ ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ—ମାଗାମାରେ ମାପାଧାନିଧାପା ମାପାନିସା' ନିଧାପା ମାଗାରେସା

କେଦାର ଓ କାମୋଦୀ ମିଶ୍ରିତ ଏହା ଉତ୍କଳର ଏକ ପାରମ୍ପରିକ ମିଶ୍ରରଗ ।

**

## ରଗ—କଲ୍ୟାଣ ଆହାରୀ

ଆରେହ—ସା ରେ ଗା ମା ପା ଧା ନି ସା' ବାଦୀ-ପା

ଅବରେହ—ସା' ନି ଧା ପା ମା ଗା ରେ ସା ସଂବାଦୀ-ସା

ମେଳ—ଶୋକ ବରଡ଼ି ବା ପରମେଳ ଗତା, ଜାତି-ସଂପୂର୍ଣ୍ଣ,
ସମୟ-ଦିବା ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ—ପାଧାପାମାଗାରେ ସାରେ ଗାମାପାଧାପା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



କଲ୍ୟାଣ ଓ ଆହାରୀ ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ତିନିଶହ ବର୍ଷ ପୂର୍ବରୁ ଏହା ଉତ୍କଳୀୟ ଗାନ ପରମ୍ପରରେ ପ୍ରଚଳିତ ହୋଇ ଆସୁଛି ।

**

## ରଗ—କଳହଂସ

ଆରୋହ—ସାରେମାପାଧାପାଧାମା, ପାଧାନିସା' ବାଦୀ-ପା

ଅବରୋହ—ସା' ନି ଧା ପା ମା ରେ ସା ସଂବାଦୀ-ସା

ମେଳ—ଶଙ୍କର ଉରଣ, ଜାତି-ବକ୍ର ଷାଢ଼ବ, ସମୟ-ରତ୍ରୀ ପ୍ରଥମ ପ୍ରହର

ମୂର୍ଚ୍ଛ୍ୟାଙ୍ଗ—ରେମାପାଧା ମା, ପାଧାନିସା' ନିଧାପାମାରେସା ରେମା

କଳହଂସ ରଗଟି ଉତ୍କଳୀୟ ଗାନ ପରମ୍ପରର ଏକ ପୁରତନ ରଗ, ଉତ୍କଳୀୟ ଛାନ୍ଦ ଚଉପଦୀ ଆଦିରେ ଏହି ରଗଟି ଉଲ୍ଲେଖ ଥିବା ଜଣାଯାଏ । କେତେଜଣ ପୁରତନ ଗାୟକ ତଥା ପାଲଗାୟକ ଶ୍ରୀଯୁକ୍ତ ନଟବର ଶତପଥୀ ସୂର୍ଯ୍ୟମଣିଦାସ ଦୋଳଗୋବିନ୍ଦ ସେନାପତି, ଆଦି ଗାୟକମାନଙ୍କ ଗାନଶିକ୍ଷା, ତଥା ତାଙ୍କ ଗୁରୁ କହିବା ମତେ କଳହଂସ ରଗର ଗୀତ ଜାତ ପତର ସ୍ନେହଉତ୍ତର ଗୀତର ସ୍ୱର ଚଳନି ଅନୁଶାରେ ରଗ ରୂପ ସ୍ଥିର କରଯାଇଛି ।

**

## ରଗ—କର୍ଣ୍ଣାଟ

ଆରୋହ—ସା ରେ ଗା ମା ପା ଧା ନି ସା' ବାଦୀ-ପା

ଅବରୋହ—ସା' ନି ଧା ନି ପା ମା ପା ଗା ମା ରେସା ସଂବାଦୀ-ରେ

ମେଳ—କର୍ଣ୍ଣାଟ, ଜାତି-ବକ୍ର ସମ୍ପୂର୍ଣ୍ଣ, ସମୟ-ମଧ୍ୟରତ୍ରୀ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମୂଖ୍ୟାଙ୍ଗ–ନି ଧା ନି ପା ମା ପା ମା ଗା ମା ରେ, ସା ରେ ଗା ମା ପ

ଉକ୍ତ ରଗଟି ସାରଳା ମହାଭରତ ଠାରୁ ଆରମ୍ଭ କରି କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳି ଆଦିଙ୍କ କବିତାରେ ସ୍ଥାନ ପାଇ ଆସିଛି । ରଗ ରୂପ କଳ୍ପଦ୍ରୁମ ମତେ ଗୃହୀତ ।

## ରଗ–କୌଶିକ

ଆରେହ–ସା ମା ଗା ମା ପା ଗା ମା ଧା ନି ସା' ତ.ଦୀ ମା

ଅବରେହ–ସା' ନି ଧା ମା ପା ଗା ମା ଗା ରେ ସା ସଂବାଦୀ-ସା

ମେଳ–କର୍ଣ୍ଣାଟ, ଜାତି-ବକ୍ର ଷାଢ଼ବ ସମ୍ପୂର୍ଣ୍ଣ, ସମୟ-ଗତ୍ରୀ ଦ୍ୱିତୀୟ ପ୍ରହର

ମୂଖ୍ୟାଙ୍ଗ–ମାଗାମାପା ଗାମା ଧା ନି ଧାମାପା ଗ ମାଗାରେ, ସାମାଗାମ

ଶାରଳା ମହାଭରତ ଠାରୁ ଆରମ୍ଭ କରି କୌଶିକ ରଗଟି ଉତ୍କଳୀୟ ଗାନ ପଦ୍ଧତିରେ ସ୍ଥାନ ପାଇ ଆସିଛି । ରଗରୂପ ପଣ୍ଡିତ ଶ୍ୟାମସୁନ୍ଦର ଧୀରଙ୍କ ବିଗ୍ରହ ମତେ ଗୃହୀତ ।

**

## ରଗ - ଚଣ୍ଡ କାମୋଦୀ

ଆରେହ–ସା ରେ ମା ପା ଧା ସା' ବାଦୀ-ମା

ଅବରେହ–ସା' ଧା ପା ମା ରେ ସା ସଂବାଦୀ-ସା

ମେଳ–ଶଙ୍କରାଭରଣ, ଜାତି-ଔଡବ, ସମୟ-ଉତ୍ତ ଦ୍ୱିତୀୟ ପ୍ରହର

ମୂଖ୍ୟାଙ୍ଗ–ମା ମା ପା ଧା ପା ମା ରେ ସା ଧା ସା ରେ ମା

ଆଜକୁ ଦୁଇଶହ ପଚାଶ ବର୍ଷ ପୂର୍ବରୁ ଉକ୍ତ ରଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । କେହି କେହି ଏହାକୁ କୁନ୍ତ କାମୋଦୀ ମଧ୍ୟ କହୁଥିବାର ଶୁଣାଯାଏ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ତୋଡ଼ି

ଆରୋହ—ସା ରେ ଗା ମା ପା ଧା ମା, ପା ଧା ନି ସାଁ ବାଦୀ-ମା

ଅବରୋହ—ସାଁ ନି ଧା ପା, ଧା ମା ଗା ରେ ସା, ସଂବାଦୀ-ସା

ମେଳ—ଭୈରବୀ, ସମୟ-ରାତ୍ରି ଶେଷ, ଜାତି-ବକ୍ର ସଂପୂର୍ଣ୍ଣ

ମୁଖ୍ୟାଙ୍ଗ—ମା ପା ଧା ନି ଧା ପା ଧା ମା ଗା ରେ ଗା ରେ ସା

ତୋଡ଼ି ଏକ ପ୍ରାଚୀନ ରାଗ । ଆଜକୁ ୩ ଶହ ବର୍ଷରୁ ଅଧିକ କାଳ ହେବ ଏ ରାଗ ଉତ୍କଳରେ ପ୍ରଚଳିତ ହୋଇ ଆସିଛି । 'ଲଜବରଜ ଦୁଜରଜ, ବ୍ରଜ ବିଧୁକୁ ପଥକେ ହୁଡାଇଲରେ', ଗୀତ ମାନଙ୍କର ସ୍ୱର ଚଳଣୀ ଅନୁସାରେ ରାଗରୂପ ପ୍ରସ୍ତୁତ । ଶାସ୍ତ୍ରଧାର ପାରିଜାତ ଅନୁରୂପ ।

❋❋

## ରାଗ – ପରଜ

ଆରୋହ—ସା ଗା ମା ପା ଧାଁ ନି ସାଁ, ବାଦୀ-ପା

ଅବରୋହ—ସା ନି ଧା ପା ମା ଗା ରେ ସା, ସଂବାଦୀ-ସା

ମେଳ—ଗୌରୀ, ଜାତି-ଷାଡ଼ବ ସଂପୂର୍ଣ୍ଣ, ସମୟ-ପ୍ରାତଃକାଳ

ମୁଖ୍ୟାଙ୍ଗ—ପା ଧା ନି ଧା ପା ମା ଗା ରେ ସା ଗା ମା ପା ।

ପରଜ ରାଗ ଆଜକୁ ଦୁଇଶହ ପଚାଶ ବର୍ଷରୁ ଅଧିକ ହେବ ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇଁ ଆସିଛି । ଉପରୋକ୍ତ ପରଜ ରାଗରୂପ ଉତ୍କଳର ପାରମ୍ପରିକ ରାଗରୂପ । ଏହା ଅନ୍ୟ ଦୁଇ ସମ୍ପ୍ରଦାୟଠାରୁ ଭିନ୍ନ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ତୋଡ଼ି ପରଜ

ଆରୋହ—ସା ରେ ଗା ରେ ସା ଗା ମା ପା ଧା ନି ସାଁ ବାଦୀ-ପା

ଅବରୋହ—ସାଁ ନି ଧା ନି ଧାପାମାଗାରେ ଗା ରେ ସା ସଂବାଦୀ-ସା

ମେଳ—ଭୈରବୀ, ଜାତି-ବକ୍ର ସଂପୂର୍ଣ୍ଣ, ସମୟ-ଦିବା ତୃତୀୟ ପ୍ରହର
ଦୁଇ ଗାନ୍ଧାର, ଦୁଇ ନିଷାଦ

ମୁଖ୍ୟାଙ୍ଗ—ପାଧାପାମ ଗାମାପାଧାନିଧାପା, ମାଗାରେସାଁ ଗାମାପାଧାପା

ରାଗ ତୋଡ଼ି ଓ ପରଜ ମିଶ୍ରିତ ଏହା ଏକ ମିଶ୍ରରାଗ । ଆଜକୁ ୨୦୦ ବର୍ଷରୁ ଅଧିକ ଏହା ଉତ୍କଳୀୟ କାବ୍ୟ କବିତାଦିରେ ସ୍ଥାନ ପାଇ ଆସିଅଛି । ରାଗଟି ଉତ୍କଳର ଏକ ନିଜସ୍ୱ ପାରମ୍ପରିକ ରାଗ ।

**

## ରାଗ-ତୋଡ଼ି ଜଙ୍ଗଲା

ଆରୋହ—ସା ରେ ଗା ରେ ଗା ମା ପା ଧା ନି ପାଧାନିସାଁ ବାଦୀ-ଗା

ଅବରୋହ—ସାଁ ନି ଧା ପା ମା ଗା, ମା ଗା ରେ ସା ସଂବାଦୀ-ନି

ମେଳ—ଭୈରବୀ, ଜାତି-ବକ୍ର ସଂପୂର୍ଣ୍ଣ, ସମୟ-ରାତ୍ର ଦୁଇ ପ୍ରହର ।
ଦୁଇ ଗାନ୍ଧାର, ଦୁଇ ଧୈବତ, ଦୁଇ ନିଷାଦ; ମନ୍ଦ୍ରମଧ୍ୟ ବିସ୍ତାର ।

ମୁଖ୍ୟାଙ୍ଗ—ଗାମାପାଧା ନି ଧ ପାମାଗା, ମାଗାରେସା ନିଧାପାଧାନି
ସା ରେ ଗା ମା ଗା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ତୋଡ଼ି ଓ ଜଙ୍ଗଲ ମିଶ୍ରିତ ଏହା ଏକ ମିଶ୍ର ରଗ । ଆଜକୁ ଦୁଇଶହ ବର୍ଷରୁ ଅଧିକ ଏ ରଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇଆସିଛି । ତାରସପ୍ତକର ସୁଦ୍ଧ ରୁଷଭ ସ୍ୱର ରୂପେ ଲଗିଥାଏ ।

**

## ରଗ—ପଞ୍ଚମ ବରାଡ଼ି

ଆରୋହ—ସା ରେ ଗା ମା ପା ମା ପା ଧା ପା, ପା ଧା ନି ସା' ରେ' ଗା' ରେ' ସା' ବାଦୀ-ସା

।

ଅବରୋହ—ସା' ନି ଧା ପା ମା ଗା ରେ ସା ସଂବାଦୀ-ପା

ମେଳ—ଶୋକ ବରାଡ଼ି ବା ପରମେଳ ପ୍ରବେଶକ, ଜାତି-ବକ୍ର ସଂପୂର୍ଣ୍ଣ ସମୟ-ଦିବା ଶେଷ ଭାଗ, ଦୁଇ ଋଷଭ, ଦୁଇ ଗାନ୍ଧାର, ଦୁଇ ମଧ୍ୟମ, ଦୁଇ ଧୈବତ । ରଗ ବିସ୍ତର ଦୃଷ୍ଟେ କୋମଳରେ ତିବ୍ର ମଧ୍ୟମ ଥିଲେହେଁ ସୁଦ୍ଧ ରେ ଓ ସୁଦ୍ଧ ମଧ୍ୟମର ପ୍ରାଧାନ୍ୟ ଅଧିକ ଉତ୍ତରଙ୍ଗ ପ୍ରଧାନ ।

ମୁଖ୍ୟାଙ୍ଗ—ପା ଧା ପା ମା ଗା ମା ପା ଧା ନି ସା' ରେ' ଗା' ରେ' ସା' ନି

।

ସ' ନି ଧା ପା ମା ଧା ପା ମ' ଗା, ଗା ମା ପା ଧା ନି ସା' ରେ' ସା'

ପଞ୍ଚମ ଓ ବରାଡ଼ି ମିଶ୍ରିତ ଉକ୍ତ ରଗଟି ଉତ୍କଳୀୟ ଗାନ ପରମ୍ପରାର ଏକ ପ୍ରସିଦ୍ଧ ରଗ । ରଗଟି ଆଜକୁ ଗୁରିଶହ ବର୍ଷ ପୂର୍ବରୁ ଉତ୍କଳୀୟ ଛାନ୍ଦ ଚଉପଦୀ ଆଦିରେ ସ୍ଥାନ ପାଇ ଆସିଛି । ଶାସ୍ତ୍ରଧାର ତଥା 'ପ୍ରାଣପ୍ରିୟା କଷ୍ଟ ଶୁଣି' 'ଆରେ ବାବୁ ଶ୍ୟାମଘନ' ଆଦି ପୁରତନ ଗାନ ଅନୁସାରେ ରଗ ରୂପ ପ୍ରସ୍ତୁତ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ନଳନୀ ଗୌଡା

ଆରୋହ—ସା ରେ ମା ପା ଧା ନି̲ ପା ଧା ସା˙ ବାଦୀ-ରେ

ଅବରୋହ—ସା˙ ନି̲ ଧା ପା ମା ଗା ମା ରେ ସା ସଂବାଦୀ-ପା

ମେଳ—ଶ୍ରୀ, ଜାତି-ବକ୍ର ସଂପୂର୍ଣ୍ଣ ସମୟ-ରାତ୍ର ଦୁଇ ପ୍ରହର ।

ମୁଖ୍ୟାଙ୍ଗ—ଧା ନି̲ ପା ଧା ସା˙ ନି̲ ଧା ପା ମା ଗା ମା ରେ ସା ।

ଆଜକୁ ଦୁଇଶହ ବର୍ଷରୁ ଅଧିକ କାଳ ହେବ ଏ ରାଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । କିଶୋର ଚନ୍ଦ୍ର ଭାରତି, କୃଷ୍ଣଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ପାଣିଗ୍ରାହୀ ଆଦିଙ୍କର କହିବା ଓ 'ବରନାରୀ ସୁମନା ଗୁମାନ ମନେ ଧରନା' 'ବୃଷାବରଜ ମୃଦୁକୃଶାଙ୍ଗୀ ଗୀତର ସ୍ୱର ଅନୁଶାରେ ରାଗରୂପ ପ୍ରସ୍ତୁତ ।

**

## ରାଗ—ପଞ୍ଚମ

ଆରୋହ—ସା ଗା ମା ଧା ନି ସା˙ ବାଦୀ-ଧା

ଅବରୋହ—ସା˙ ନି ଧା ପା ମା ଗା ରେ̲ ସା ସଂବାଦୀ-ଗା

ମେଳ—ପଞ୍ଚମ, ଜାତି-ଔଡବ ସଂପୂର୍ଣ୍ଣ, ସମୟ-ଦିବା ଶେଷ

ମୁଖ୍ୟାଙ୍ଗ—ଧା ନି ସା˙ ନି ଧା ନି ଧା ମା ଗା ମା ଧା ନି ସା˙

ପଞ୍ଚମ ରାଗ ଏକ ପ୍ରାଚୀନ ତଥା ବହୁମତ ଭେଦଥିବା ରାଗ । ଉତ୍କଳରେ ପଞ୍ଚମ ଏକ ମେଳ ରୂପେ ଗୃହୀତ । ଶ୍ୟାମ ସୁନ୍ଦର ଧୀର ଓ କାହ୍ନୀ ଚରଣ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଯଜ୍ଞନାୟକ ତଥା ବହୁଗୁଣୀ ଓ କିଛି ଶାସ୍ତ୍ରଧାର ବିଗ୍ରହ ଦୃଷ୍ଟେ ରଗ ରୂପ ଗ୍ରହଣ କରଯାଇଛି ।

***

## ରାଗ—ଦେଶ ବରାଡ଼ି

ଆରୋହ—ସା ରେମାପାଧାମାଧାପା, ମାପାନିସା ରେଂ ସା ବାଦୀ-ପା

ଅବରୋହ—ସା ନି ଧା ପା ମା ଗା ରେ ସା ସଂବାଦୀ-ସା

ମେଳ—ବରାଡ଼ି ବା ପରମେଳ ଗତ, ଜାତି-ବକ୍ର ସଂପୂର୍ଣ୍ଣ, ସମୟ-ରାତ୍ର ଦୁଇ ପ୍ରହର, ଦୁଇ ଧୈବତ, ଦୁଇ ମଧ୍ୟମ, ଦୁଇ ନିଷାଦ, ଦୁଇ ରେ ।

ମୂର୍ଚ୍ଛ୍ୟାଙ୍ଗ—ପାଧାମା ଧାପାନି ଧାପା ମାଗାରେ, ସାରେ ମାପା ମାଧାପା

ରାଗ ଦେଶ ଓ ବରାଡ଼ି ମିଶ୍ରିତ ଏହା ଏକ ମିଶ୍ରରାଗ । ଉତ୍କଳୀୟ କବି ଜୟଦେବଙ୍କ ଠାରୁ ରାଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ସେନେହୁଏ କବି ଜୟଦେବଙ୍କୁ ଉକ୍ତ ରାଗର ସ୍ରଷ୍ଟା ।

***

## ରାଗ—ଜଙ୍ଗଳା

ଆରୋହ—ସା ରେ ଗା ରେ ଗା ମା ପା ଧା ସାଁ ବାଦୀ-ରେ

ଅବରୋହ—ସାଁ ନିଧାପାମାଗା, ମାଗାରେସା, ନି ଧାପାଧାନିସାଁ ସଂବାଦୀ-ପା

ମେଳ—ଧନାଶ୍ରୀ, ପରମେଳଗତ ଜାତି-ବକ୍ର ସଂପୂର୍ଣ୍ଣ, ସମୟ-ରାତ୍ର ଦୁଇ ପ୍ରହର, ଦୁଇ ଗାନ୍ଧାର, ଦୁଇ ନିଷାଦ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମଖ୍ୟାଙ୍ଗ–ପାଧାନିଧାପାମାଗାରେ, ମାଗାରେସା ନି ଧାପାଧାନିସା ।

ଆଜକୁ ଦୁଇଶହ ବର୍ଷରୁ ଅଧିକ ଏ ରଗ ଉତ୍କଳୀୟ ଗାନ ପରମ୍ପରରେ ସ୍ଥାନ ପାଇ ଆସିଛି । ରଗରୂପ ମୋର ବାଲ୍ୟ ଗୁରୁ ଦାମୋଦର ପଣ୍ଡା ଏବଂ ଶ୍ୟାମସୁନ୍ଦର ଧୀର ମହୋଦୟଙ୍କ ସହିତ ଆଲୋଚନା ଦ୍ୱାରା ପ୍ରସ୍ତୁତ ।

**

## ରଗ–ଚନ୍ଦ୍ରା ଭୈରବ

ଆରୋହ–ସା ରେ ଗା ମା ପା ଧା ନି ସା' ବାଦୀ-ମା

ଅବରୋହ–ସା' ନି ଧା ପା ମା ଗା ରେ ସା ସଂବାଦୀ-ସା

ମେଳ–ଗୌରୀ, ଜାତି-ସଂପୂର୍ଣ୍ଣ, ସମୟ-ପ୍ରାତଃକାଳ ।

ମୂଖ୍ୟାଙ୍ଗ–ଧାନି ରେ'ସା' ନି ଧାପାମାଗାରେସା, ରେଗାମା

ଆଜକୁ ଦୁଇଶହ ବର୍ଷରୁ ଅଧିକ କାଳ ଚିତ୍ତା ଭୈରବ ରଗ ଉତ୍କଳୀୟ ସ୍ଥାନ ପରମ୍ପରରେ ସ୍ଥାନ ପାଇ ଆସିଛି । ଏହା ଉତ୍କଳର ଏକ ନିଜସ୍ୱ ପାରମ୍ପରିକ ରଗ । ରଗ ରୂପ ମୋର ବାଲ୍ୟ ଗୁରୁଙ୍କ 'ସଜନୀ ଆଜ ଉଦ୍ଦୀରେ' ଗୀତ ସ୍ୱର ତଳର୍ଣ ଅନୁସାରେ ପ୍ରସ୍ତୁତ ।

***

## ରଗ–ଛୋଟ ମୁଖାରୀ

ଆରୋହ–ସା ରେ ଗା ସା ରେ ମା ପା ଧା ନି ଧା ସା' ବାଦୀ-ମା

ଅବରୋହ–ସା' ନି ଧା ପା ମା ଗା ରେ ସା । ସଂବାଦୀ-ସା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମେଳ—ଭୈରବୀ ବା; ପରମେଳ ଗତ, ଜାତି-ବକ୍ର ସଂପୂର୍ଣ୍ଣ
ସମୟ-ପ୍ରାତ ବା ସର୍ବକାଳ ।

ମୂଖ୍ୟାଙ୍ଗ—ମାପାଧାନି ଧାସା ନିଧାପା ମାରେ ଗା ରେସା, ସାରେମାପାମା

ତୋଡ଼ି ଓ ମୁଖାରୀ ମିଶ୍ରିତ ଏହା ଏକ ଉତ୍କଳୀୟ ଗାନ ପରମ୍ପରର ନିଜସ୍ୱ ମିଶ୍ର ରଗ । ଆଜକୁ ୨୫୦ ବର୍ଷ ହେବ ଏ ରଗଟି ଉତ୍କଳୀୟ ଗାନ ପରମ୍ପରରେ ସ୍ଥାନ ପାଇ ଆସିଛି ।

**

## ରାଗ—ତୋଡ଼ି ବଙ୍ଗାଳ

ଆରୋହ—ସାରେ ଗା ମାମାମା, ମାଧାମାମା, ମାଧା ନିସା ବାଦୀ ମା

ଅବରୋହ—ସାଂରେଂ ନିସା ଧା ନିପାଧା ମାମା, ମାଗାରେସା ସଂବାଦୀସା

ମେଳ—ଶୋଜ ବଗଡ଼ି । ପରମେଳଗତ, ଜାତି-ବକ୍ର ସଂପୂର୍ଣ୍ଣ, ସମୟ-ଗଭ୍ର ଶେଷ,

ମଖ୍ୟାଙ୍ଗ—ମା ଧା ନି ସାଂ ରେଂ ନି ସାଂ ଧା ନି ପା ଧା ମା ମା

ମା ଗା ରେ ସା, ସା ରେ ଗା ମା ମା ମା

ତୋଡ଼ି ଓ ବଙ୍ଗାଳ ମିଶ୍ରିତ ଏହା ଉତ୍କଳୀୟ ଗାନ ପରମ୍ପରର ଏକନିଜସ୍ୱ ମିଶ୍ର ରଗ । ଆଜକୁ ୨୫୦ ବର୍ଷ ହେବ ଏହା ଉତ୍କଳୀୟ ଗାନ ସଂପ୍ରଦାୟରେ ସ୍ଥାନ ପାଇ ଆସିଛି । ଦ୍ରୁତ ମଧ୍ୟମ ଯୁକ୍ତ ଏ ରଗଟି କରୁଣ ରସ ପାଇଁ ବିଶେଷ ଉପଯୋଗୀ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ - ପିଲୁପୁରୀଆ

।

ଆରୋହ–ସା ଗା ମା ପା ନି ସାଁ ବାଦୀ-ପା

।

ଅବରୋହ–ସାଁ ନି ଧା ପା ମା ଗା ରେ ସା, ସଂବାଦୀ-ସା

ମେଳ–ଶୋକ ବରଡ଼ି ବା ପରମେଳ ପ୍ରବେଶକ, ଜାତି-ଔଡବ ସଂପୂର୍ଣ୍ଣ,
ସମୟ-ଦିବା ତୃତୀୟ ପ୍ରହର ।

। । ।

ମୂର୍ଚ୍ଛାଙ୍ଗ–ଗା ମା ପା ନି ଧା ପା ମା ଗା ରେ ସା ଗା ମା ପା

ରାଗ ପିଲୁ ଓ ପୁରୀଆ ମିଶ୍ରିତ ଏହା ଉତ୍କଳୀୟ ଗାନ ପରମ୍ପରାର ଏକ ନିଜସ୍ୱ ମିଶ୍ରରାଗ । ଆଜକୁ ୩୦୦ ବର୍ଷରୁ ଅଧିକ ହେବ ଏ ରାଗ ଉତ୍କଳୀୟ କାବ୍ୟ କବିତାଦିରେ ସ୍ଥାନ ପାଇ ଆସିଛି ।

## ରାଗ–ମଙ୍ଗଳ ବରାଡ଼ି

ଆରୋହ–ସା ଗା ମା ପା ଧା ନି ସାଁ ବାଦୀ-ଗା

।

ଅବରୋହ–ସାଁ ନି ଧା ପା ମା ଗା ରେ ସା ସଂବାଦୀ-ନି

ମେଳ–ବରଡ଼ି, ଜାତି-ଷାଡବ ସଂପୂର୍ଣ୍ଣ, ସମୟ-ରାତ୍ର ଦୁଇ ପ୍ରହର,
ଦୁଇ ମଧ୍ୟମ ।

।

ମୂର୍ଚ୍ଛାଙ୍ଗ–ଗାମାପା ଧାନିଧା ନି ଧାପାମାଗା, ମାଗାରେସା ।

ମଙ୍ଗଳ ଓ ବରଡ଼ି ମିଶ୍ରିତ ଏହା ଏକ ମିଶ୍ର ରାଗ । ଆଜକୁ ପାଞ୍ଚଶହ ବର୍ଷ ପାଖାପାଖି ଉକ୍ତରାଗଟି ଉତ୍କଳୀୟ କାବ୍ୟ କବିତାଦିରେ ସ୍ଥାନପାଇ ଆସିଛି ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ବଙ୍ଗଳାଶ୍ରୀ

ଆରୋହ—ସା ରେ ମା ପା ନି ସାଁ ବାଦୀ-ପା

ଅବରୋହ—ସାଁ ନି ଧା ପା ମା ଗା ରେ ସା । ସଂବାଦୀ-ସା

ମେଳ—ଗୌରୀ ବା ପରମେଳ ପ୍ରବେଶକ, ଜାତି-ଔଡବ ସଂପୂର୍ଣ୍ଣ,
ସମୟ-ପ୍ରାତଃକାଳ, ଦୁଇ ନିଷାଦ ।

ମୂଖ୍ୟାଙ୍ଗ—ପାନିସା'ଟେଁ ନି ସା ନି ଧାପାମାଗାମାରେସା,ରେମାପାଧାପା ।

ବଙ୍ଗଳା ଓ ଶ୍ରୀ ମିଶ୍ରିତ ଏହା ଏକ ମିଶ୍ର ରାଗ । ଆଜକୁ ତିନିଶହ ବର୍ଷ ପାଖାପାଖି ଏ ରାଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇଆସିଛି । ରାଗରୂପ ପଣ୍ଡିତ ଶ୍ୟାମସୁନ୍ଦର ଧୀରଙ୍କ ସହିତ ଆଲୋଚନା ମତେ ପ୍ରସ୍ତୁତ ।

**

## ରାଗ ମଙ୍ଗଳ ଗୁଜୁରୀ

ଆରୋହ—ସା ଗା ମା ପା ଧା ନି ସାଁ ବାଦୀ-ମା

ଅବରୋହ—ସାଁ ନିଧାପା, ମାପା ଧା ନି ଧାପା,ମାଗାରେ ଗାରେସା

ସଂବାଦୀ-ସା

ମେଳ—ଭୈରବୀ ବା ପରମେଳ ଗତ, ଜାତି-ଷାଡବ ସଂପୂର୍ଣ୍ଣ,
ସମୟ-ରାତ୍ର ତୃତୀୟ ପ୍ରହର, ଦୁଇ ଋଷଭ, ଦୁଇ ଗାନ୍ଧାର ଓ ଦୁଇ ନିଷାଦ ।

ମୂଖ୍ୟାଙ୍ଗ—ମାପାଧା ନି ଧା ପାମାଗାରେ ଗା ରେସା, ଗାମାପାମା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ରଗ ମଙ୍ଗଳ ଓ ଗୂଜରୀ ମିଶ୍ରିତ ଏହା ଏକ ମିଶ୍ରରଗ । ଉତ୍କଳୀୟ କବି ଜୟଦେବଙ୍କ କାଳରୁ ଉତ୍କଳରେ ଏ ରଗ ପ୍ରଚଳିତ ହୋଇ ଆସିଛି । ବହୁ ବୃଷ୍ଟେ କବି ତଥା ସଂଗୀତଜ୍ଞ ଜୟଦେବଙ୍କୁ ଉକ୍ତ ରଗର ସ୍ରଷ୍ଟା । ଏହା ଉତ୍କଳର ଏକ ନିଜସ୍ୱ ପାରମ୍ପରିକ ରଗ ।

❋❋

## ରଗ – ମଙ୍ଗଳ ଧନାଶ୍ରୀ

ଆରୋହ–ସା ଗା ମା ପା ଧା ନି ସା' ବାଦୀ-ପା

ଅବରୋହ–ସା' ନି ଧା ପା ମା ଗା, ମା ଗା ରେ ସା, ସଂବାଦୀ-ସା

ମେଳ–ଧନାଶ୍ରୀ, ଜାତି-ଷାଡବ ସଂପୂର୍ଣ୍ଣ, ସମୟ-ଦିବା ତୃତୀୟ ପ୍ରହର,
ଦୁଇ ଗାନ୍ଧାର ଓ ଦୁଇ ଧୈବତ

ମୂଖ୍ୟାଙ୍ଗ–ପାଧା ନି ଧାପାମାଗା, ମାଗାରେସା, ଗାମାନିଧାପା

ମଙ୍ଗଳ ଓ ଧନାଶ୍ରୀ ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ତିନିଶହ ବର୍ଷରୁ ଅଧିକ ଏ ରଗ ଉତ୍କଳୀୟ ଗାନ ସମ୍ପ୍ରଦାୟରେ ଏକ ପାରମ୍ପରିକ ରଗ ରୂପେ ସ୍ଥାନ ପାଇ ଆସିଛି ।

❋❋

## ରଗ—ମଙ୍ଗଳ କାମୋଦୀ

ଆରୋହ–ସା ଗା ମା ପା ଧା ନି ପା ଧା ସା' ବାଦୀ ମା

ଅବରୋହ–ସା' ନି ଧା ପା ମା ଗା ରେ ସା । ସଂବାଦୀ-ସା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମେଳ—୬୩, ଜାତି-ଔଡବ ସଂପୂର୍ଣ୍ଣ, ସମୟ ଗତ ଦୁଇ ପ୍ରହର । ଦୁଇ ଧା ।
ମୂଖ୍ୟାଙ୍ଗ—ମାପାଧାନି ଧାସା'ନିଧାପା ମାଗାରେସା, ଗାଗା ମାପାମା ।

ମଙ୍ଗଳ ଓ କାମୋଦୀ ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ଦୁଇଶହ ବର୍ଷରୁ ଅଧିକ ହେବ ଏ ରଗ ଉତ୍କଳୀୟ ଗାନ ପରମ୍ପରରେ ସ୍ଥାନ ପାଇ ଆସିଛି ।

**

## ରାଗ—ମଙ୍ଗଳ କେଦାର

ଆରେହ—ସାମାଗାମାପାଧା ନି ପା, ମାପାନିସା' ବାଦୀ-ମା

ଅବରେହ—ସା' ନି ଧା ପା ମା ଗ ରେ ସା, ସଂବାଦୀ-ସା

ମେଳ—୬୩ ବା ପରମେଳ ପ୍ରବେଶକ, ଜାତି-ଔଡ଼ବ ସଂପୂର୍ଣ୍ଣ,
ସମୟ-ରାତ୍ର ଦୁଇ ପ୍ରହର, ଦୁଇ ଧୈବତ, ଦୁଇ ନିଷାଦ ।

ମୂଖ୍ୟାଙ୍ଗ—ସାମାଗାମାପାଧା ନି ପାମାଗାରେସା, ମାଗାମାପାମା ।

ମଙ୍ଗଳ ଓ କେଦାର ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ୨୫୦ ବର୍ଷରୁ ଅଧିକ କାଳ ଏ ରଗ ଉତ୍କଳୀୟ ଗାନ ପରମ୍ପରରେ ସ୍ଥାନପାଇ ଆସିଅଛି

**

## ରାଗ-ମାଲଶ୍ରୀ

ଆରେହ—ସା ଗା ମା ପା, ଗା ମା ଧା ନି ସା' ବାଦୀ-ମା

ଅବରେହ—ସା'ନିଧାପା, ମାପାଗାମାଗାସା, ସଂବାଦୀ-ସା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମେଳ—ଧନାଶ୍ରୀ, ଜାତି-ଷାଡବ, ସମୟ-ରାତ୍ର ଦୁଇ ପ୍ରହର ।

ମୁଖ୍ୟାଙ୍ଗ—ମାଗାମାପାଗାମଧାନିଧାପା, ଗାମାଗାସାଗା ଗାମା

ଉପରୋକ୍ତ ରଗରୂପଟି ଅନ୍ୟ ଦୁଇ ସମ୍ପ୍ରଦାୟ ମାଳଶ୍ରୀ ଠାରୁ ଭିନ୍ନ । ଆଜକୁ ଶହଶହ ବର୍ଷ ପୂର୍ବରୁ ଏହା ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ରଗରୂପ ପାରିଜାତ ମତେ ଗୃହୀତ । କିନ୍ତୁ ସୁନ୍ଦରତା ପାଇଁ ଚଳଣିରେ କିଞ୍ଚିତ ପରିବର୍ତ୍ତନ କରଯାଇଛି ।

**

## ରାଗ—ମାଳଶ୍ରୀ ଗୌଡ଼ା

ଆରୋହ—ସା ଗା ମା ପା ଗା ମା ଧା ନି ଧା ସା' ବାଦୀ-ମା

ଅବରୋହ—ସା' ନି ଧା ପା ମା ଗା ମା ଗା ରେ ସା ସଂବାଦୀ-ସା

ମେଳ—ଧନାଶ୍ରୀ ବା ପରମେଳ ପ୍ରବେଶକ, ଜାତି-ଷାଡ଼ବ ସଂପୂର୍ଣ୍ଣ, ଦୁଇ ଗାନ୍ଧାର ।

ମୁଖ୍ୟାଙ୍ଗ—ମାପାଗାମାଧାନିଧାପା, ମାଗାମାଗାରେସା' ଗାଗାମା

ମାଳଶ୍ରୀ ଓ ଗୌଡା ମିଶ୍ରିତ ଏହା ଏକ ମିଶ୍ର ରାଗ । ଆଜକୁ ଶହ ଶହ ବର୍ଷ ପୂର୍ବରୁ ଏ ରାଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନପାଇ ଆସିଛି । କୋଇଲି ପଣ୍ଡା ଓ ମୋର ବାଲ୍ୟ ଗୁରୁ ଦାମୋଦର ପଣ୍ଡାଙ୍କ 'ପୀରତି ଲଗାଇ ଶ୍ୟାମ ଦୂର ଦେଶ' ଓ 'ଯୋଷାକୁ ରୁଷାକେ' ଗୀତର ସ୍ୱରକୁ ଆଧାର କରି ରାଗରୂପ ପ୍ରସ୍ତୁତ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ - ମଙ୍ଗଳ କୌଶିକ

ଆରୋହ—ସା ଗା ମା ପା, ଗା ମା ଧା ନି ସା' ବାଦୀ-ମା

ଅବରୋହ—ସା' ନି ଧା ମା ଗା ମା ଗା ସା, ସଂବାଦୀ-ସା

ମେଳ—ଧନାଶ୍ରୀ ବା; ପରମେଳ ଗତ, ଜାତି-ବକ୍ର ଷାଡ଼ବ ସଂପୂର୍ଣ୍ଣ
ସମୟ-ରାତ୍ର ଦୁଇ ପ୍ରହର, ଦୁଇ ଘାନ୍ଧାର ।

ମୁଖ୍ୟାଙ୍ଗ—ମାଗାମାପାଧା ନି ଧାମାଗା, ମାଗାସା ଗାମାପାମା ।

ମଙ୍ଗଳ ଓ କୌଶିକ ରାଗ ମିଶ୍ରିତ ଏହା ଏକ ମିଶ୍ରରାଗ । ଆଜ୍ଞୁ ତିନିଶହ ବର୍ଷରୁ ଅଧିକ ଏ ରାଗ ଉତ୍କଳୀୟ ଗାନ ପରମ୍ପରାର ବହୁ ରଚନାରେ ସ୍ଥାନ ପାଇ ଆସିଅଛି ।

***

## ରାଗ—ମଧୁଶ୍ରୀ

ଆରୋହ—ସା ଗା ମା ପା ଧା ନି ସା' ବାଦୀ-ପା

ଅବରୋହ—ସା' ନି ଧା ପା ମା ଗା ରେ ସା, ସମ୍ବାଦୀ-ସା

ମେଳ—ଧନାଶ୍ରୀ ବା ପରମେଳ ଗତ, ଜାତି-ଷାଡ଼ବ ସମ୍ପୂର୍ଣ୍ଣ,
ସମୟ-ଦିବା ତୃତୀୟ ପ୍ରହର ।

ମୁଖ୍ୟାଙ୍ଗ—ପା ଧା ନି ଧା ପା ମା ଗା ରେ ସା, ଗା ମା ପା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri





ମଧୁବନ୍ତୀ ଓ ଶ୍ରୀରଞ୍ଜ ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ଶହେ ପଚାଶ ବର୍ଷରୁ ଅଧିକ ହେବ ଏ ରଗ ଉତ୍କଳୀୟ ସଙ୍ଗୀତ ପରମ୍ପରରେ ସ୍ଥାନପାଇ ଆସିଅଛି । ରଗଟି ଅତ୍ୟନ୍ତ ମଧୁର ରଗ । ଭକ୍ତି ତଥା କରୁଣରସ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ।

**

## ରଗ—ମରୁଆ

ଆରୋହ—ସା ରେ ଗା ପା ଧା ନି ସାଁ  ବାଦୀ-ଗା

ଅବରୋହ—ସାଁ ନି ଧା ପା ମା ଗା ରେ ସା ।  ସ୍ୱବାଦୀ ନି

ମେଳ—କଲ୍ୟାଣ, ଜାତି-ଷାଡ଼ବ ସମ୍ପୂର୍ଣ୍ଣ, ସମୟ ରାତ୍ରି ପ୍ରଥମ ପ୍ରହର ।

ମୂର୍ଚ୍ଛ୍ୟାଙ୍ଗ—ଗାପାଧାନି ସାଁନିଧାପା ମାଗାରେସା ରେଗାପାମାଗା ।

ମରୁଆ ରଗ ଉତ୍କଳୀୟ ଗୀତ ପରମ୍ପରର ଏକ ବିଶେଷ ପ୍ରଚଳିତ ରଗ । ଆଜକୁ ତିନିଶହ ବର୍ଷରୁ ଅଧିକ ଏହା ଉତ୍କଳୀୟ ସଙ୍ଗୀତ ପରମ୍ପରରେ ସ୍ଥାନ ପାଇ ଆସିଛି । ରଗଟି ଆବିଷ୍କାର ପାଇଁ ଗବେଷକ ନୀଳ ମାଧବ ପାଣିଗ୍ରାହୀଙ୍କ ଅବଦାନ ଉଲ୍ଲେଖ ଯୋଗ୍ୟ ।

**

## ରଗ—ଲଳିତ

ଆରୋହ—ସା ରେ ଗା ମା ଧା ନି ସାଁ  ବାଦୀ-ମା

ଅବରୋହ—ସାଁ ନି ଧା ମା ଗା ରେ ସା ।  ସ୍ୱବାଦୀ-ସା ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମେଳ–ଭୈରବୀ ବା ପରମେଳ ଗତ, ଜାତି-ଷାଡ଼ବ, ସମୟ-ପ୍ରାତକାଳ

ମୂଖ୍ୟାଙ୍ଗ–ଗାମାଧାନିସା' ନିଧାମାଗାରେସା, ରେ ଗା ମା ।

ରଗ ଲଳିତ ଆଜକୁ ଗ୍ରିଶହ ବର୍ଷରୁ ଅଧିକ କାଳ ଉତ୍କଳୀୟ କାବ୍ୟ କବିତାରେ ସ୍ଥାନ ପାଇ ଆସିଛି । ରଗରୂପ ପାରିଜାତ ସମର୍ଥୀତ ।

**

## ରାଗ–ଲଳିତ କାମୋଦୀ

ଆରୋହ–ସା ରେ ଗା ମା ଧା ନି ସା' ବାଦୀ-ମା

ଅବରୋହ–ସା' ନି ଧା ପା ମା ଗା ରେ ସା । ସ୍ୱବାଦୀ-ସା

ମେଳ–ଶ୍ରୀ ବା ପରମେଳ ଗତ, ଜାତି-ଷାଡବ ସମ୍ପୂର୍ଣ୍ଣ,
ସମୟ-ରାତ୍ର ଦୁଇ ପ୍ରହର ।

ଆଜିକୁ ଦୁଇଶହ ବର୍ଷ ହେବ ଏହା ଉତ୍କଳୀୟ ଗାନ ପରମ୍ପରରେ ପ୍ରଚଳିତ ହୋଇ ଆସିଅଛି ।

ମୂଖ୍ୟାଙ୍ଗ–ମାଗାମାଧାନିସା'ନିଧାପା, ମାଗାରେ ମା ଗାରେସା ରେଗାମା ।

ଲଳିତ ଓ କାମୋଦୀ ମିଶ୍ରିତ ଏହା ଏକ ମିଶ୍ରରଗ । ଆଜକୁ ୩୦୦ ଶହ ବର୍ଷରୁ ଅଧିକ ଏହା ଉତ୍କଳୀୟ ଗାନ ପରମ୍ପରରେ ସ୍ଥାନପାଇ ଆସିଅଛି । ଦୁଇ ରିଷଭ, ଦୁଇ ନିଷାଦ, ବ୍ୟବହୃତ ହୁଏ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ - ଲଳତ ବସନ୍ତ

ଆରୋହ—ସା ରେ ଗା ମା ଧା ନି ଧା ନି ସାଁ  ବାଦୀ-ମା

ଅବରୋହ—ସାଁ ନି ଧା ପା ମା ଗା ରେ ସା,  ସମ୍ବାଦୀ-ସା

ମେଳ—ଶ୍ରୀ, ବା, ପରମେଳ ଗତ,  ଜାତି-ଷାଡବ ସମ୍ପୂର୍ଣ୍ଣ,
ସମୟ-ରାତ୍ର ଦୁଇ ପ୍ରହର (ବସନ୍ତ କାଳ)

ମୁଖ୍ୟାଙ୍ଗ—ମାଗାମାଧାନିଧା, ମାଧାନିସାଁ, ସାଁନିଧାପା ମାଗାରେସା

ଲଳିତ ଓ ବସନ୍ତ ମିଶ୍ରିତ ଏହା ଏକ ମିଶ୍ର ରାଗ । ଆଜକୁ ୨୫୦ବର୍ଷ ହେବ ଏହା ଉତ୍କଳୀୟ ଗାନ ପରମ୍ପରାରେ ଏକ ପାରମ୍ପରିକ ରାଗ ଭାବେ ସ୍ଥାନ ପାଇ ଆସିଛି । ଦୁଇ ରିଷଭ, ଦୁଇ ନିସାଦ ବ୍ୟବହାର ହୁଏ ।

**

## ରାଗ—ଶୋକ କାମୋଦୀ

ଆରୋହ—ସାରେ ଗା, ସାରେମାଗାମା,ମାପାଧାନିଧାସା  ବାଦୀ-ମା

ଅବରୋହ—ସାଁ ରେଁ ନି ଧା ପା ମା ଗା ରେ ଗା ରେସା,  ସମ୍ବାଦୀ-ସା

ମେଳ—ଭୈରବୀ ବା, ପରମେଳ ପ୍ରବେଶକ,  ଜାତି-ବକ୍ର ସମ୍ପୂର୍ଣ୍ଣ,
ସମୟ-ରାତ୍ର ଦୁଇ ପ୍ରହର ।

ରାଗ ଭୈରବୀ ଓ କାମୋଦୀ ମିଶ୍ରିତ ଉକ୍ତ ଶୋକ କାମୋଦୀ ରାଗଟି ଉତ୍କଳୀୟ ଗାନ ପରମ୍ପରାର ଏକ ନିଜସ୍ୱ ରାଗ । ଆଜକୁ ଦୁଇଶହ ବର୍ଷ ପୂର୍ବରୁ ଏହା ଉତ୍କଳୀୟ କାବ୍ୟ କବିତାଦି ରଚନା ମଧ୍ୟରେ ସ୍ଥାନପାଇ ଆସିଛି । ଦୁଇ ରେ, ଦୁଇ ଗା ବ୍ୟବହାର ହୁଏ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ - ଶୋକ ବରାଡ଼ି

।

ଆରୋହ–ସା ରେ ଗା ମା ପା ଧା ନି ସା' ବାଦୀ-ପା

।

ଅବରୋହ–ସା' ନି ଧା ପା ମା ଗା ରେ ସା' ସ୍ୱବାଦୀ-ସା

ମେଳ–ଶୋକ ବରାଡ଼ି; ଜାତି–ସମ୍ପୂର୍ଣ୍ଣ, ସମୟ–ଦିବା ତୃତୀୟ ପ୍ରହର ।

। । ।

ମୁଖ୍ୟାଙ୍ଗ–ପା ମା ପା ଧା ପା ମା ଗା ରେ ସା, ରେ ଗା ମା ପା ।

ଉକ୍ତ ରାଗଟି ଉତ୍କଳରେ ଏକ ମେଳ ରୂପେ ଗୃହୀତ । ଏହା ଉତ୍କଳୀୟ ଗାନ ପରମ୍ପରାର ଏକ ନିଜସ୍ୱ ରାଗ । ଆଜକୁ ତ୍ରିଶହ ବର୍ଷ ହେବ ଏହା ଉତ୍କଳୀୟ ରଚନା ମଧ୍ୟରେ ସ୍ଥାନ ପାଇ ଆସିଛି ।

**

## ରାଗ–ସୁରଠୀ

ଆରୋହ–ସା ରେ ମା ପା ନି ସା' ବାଦୀ-ରେ

ଅବରୋହ–ସା' ନି ଧା ପା ମା ରେ ସା । ସ୍ୱବାଦୀ-ପା

ମେଳ–ଶ୍ରୀ, ଜାତି–ଔଡ଼ବ ଷାଡ଼ବ, ସମୟ–ରାତ୍ର ଦୁଇ ପ୍ରହର,

ଦୁଇ ନିଶାଦ

ମୁଖ୍ୟାଙ୍ଗ–ରେ ମା ପା ନି ଧା ପା ମା ରେ, ମା ରେ ସା ରେ ମା ପା

ଆଜକୁ ତିନିଶହ ବର୍ଷରୁ ଅଧିକ ହେବ ଏ ରାଗ ଉତ୍କଳୀୟ ରଚନା ମଧ୍ୟରେ ସ୍ଥାନ ପାଇ ଆସିଅଛି । ରାଗରୂପ ପାରିଜାତ ମତେଗୃହୀତ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ ସୁରଠ ଗୁଜ୍ଜରୀ

ଆରୋହ–ସା ରେ ମା ପା ନି ସାଁ ବାଦୀ-ପା

ଅବରୋହ–ସାଁ ନି ଧା ପା ମା ଗା ରେ ସା । ସମ୍ବାଦୀ-ସା

ମେଳ–କର୍ଣ୍ଣାଟ, ଜାତି–ଔଡ଼ବ ସମ୍ପୂର୍ଣ୍ଣ, ସମୟ–ଦିବା ଦୁଇ ପ୍ରହର ।

ମୁଖ୍ୟାଙ୍ଗ–ପାନିସା ରେ ନି ଧ, ପା ମା ଗ ରେସା, ରେମାପା ନି ଧାପା

ସୁରଠୀ ଓ ଗୁଜ୍ଜରୀ ମିଶ୍ରିତ ଏହା ଏକ ମିଶ୍ରରାଗ । ଆଜକୁ ଦୁଇଶହ ବର୍ଷରୁ ଅଧିକ ଏ ରାଗ ଭକ୍ତୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଅଛି । ଦୁଇ ନିଷାଦ ବ୍ୟବହାର ହୁଏ ।

***

## ରାଗ–ସୁରଠ କେଦାର

ଆରୋହ–ସା ରେ, ମା ପା ଧା, ମା ପା ନି ସାଁ ବାଦୀ-ରେ

ଅବରୋହ–ସା ନି ଧା ପା, ମା ଗା ମା ରେ ସା । ସମ୍ବାଦୀ-ପା

ମେଳ–ଶ୍ରୀ, ଜାତି–ଔଡ଼ବ ସମ୍ପୂର୍ଣ୍ଣ, ସମୟ–ରାତ୍ର ଦୁଇ ପ୍ରହର ।

ମୁଖ୍ୟାଙ୍ଗ–ମା ପା ଧା ମା ପା ନି ସାଁ ନି ଧା ପା ମା ଗା, ମାରେସା ।

ସୁରଠ ଓ କେଦାର ମିଶ୍ରିତ ଏହା ଏକ ମିଶ୍ରରାଗ । ଆଜକୁ ଶତାଧିକ ବର୍ଷରୁ ଅଧିକ କାଳ ଏ ରାଗ ଭକ୍ତୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ଦୁଇ ନିଷାଦ ବ୍ୟବହାର ହୁଏ ।

***

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ –ପାହାଡ଼ିଆ କେଦାର

ଆରୋହ–ସା ରେ ଗା ସା ରେ ମା ଗା ମା. ମା ପା ନି ସା' ବାଦୀ-ମା
ଅବରୋହ–ସା' ନି ଧା ପା ମା ଗା ରେ ସା । ସ୍ୱାଦୀ-ସା

ମେଳ–ଶଙ୍କର ଭରଣ, ଜାତି–ବକ୍ର ସମ୍ପୂର୍ଣ୍ଣ, ସମୟ–ଦୁଇ ପ୍ରହର ।
ମୁଖ୍ୟାଙ୍ଗ–ମାପାଧାମାପାନି ସା'ନିଧାପାମାଗାରେସା । ଧା ସାରେମାଗାମା

ପାହାଡ଼ି ଓ କେଦାର ମିଶ୍ରିତ ଏହା ଏକ ମିଶ୍ରରାଗ । ଆଜକୁ ତିନିଶହ ବର୍ଷ ପାଖାପାଖି ଏ ରାଗଟି ଭକ୍ତୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ଦୁଇ ନିଷାଦ ବ୍ୟବହାର ହୁଏ । ଭକ୍ତିର ଏହା ନିଜସ୍ୱ ରାଗ ।

**

## ରାଗ—ପୁନ୍ନାଗ

ଆରୋହ–ସା ରେ ଗା ମା ପା ଧା ନି ସା' ବାଦୀ-ପା

ଅବରୋହ–ସା' ନି ଧା ପା ମା ଗା ରେ ସା । ସ୍ୱାଦୀ-ସା

ମେଳ–ଧନାଶ୍ରୀ ବା ପରମେଳରାଗତ, ଜାତି–ସମ୍ପୂର୍ଣ୍ଣ, ସମୟ–ଦିବା ପ୍ରଥମ ପ୍ରହର ।
ମୁଖ୍ୟାଙ୍ଗ–ପା ଧା ନି ଧା ପା ମା ଗା ରେ, ସା ରେ ଗା ମା ପା ।

ଆଜକୁ ଦୁଇଶହ ବର୍ଷ ପାଖାପାଖି ଉକ୍ତ ରାଗଟି ଭକ୍ତୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଅଛି । ରାଗରୂପ ପାଲଗାୟକ ନଟବର ଶତପଥୀ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ କହିବା ମତେ 'କୁନ୍ଦକଳି ଦଶନା ନନ୍ଦନନ୍ଦନ ଶୋଭକୁ ଅନା' ଗୀତର ସ୍ୱର ଚଳଣି ଅନୁସାରେ ପ୍ରସ୍ତୁତ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ—ପୁନ୍ନାଗ ବରାଡ଼ି

ଆରୋହ—ସା ରେ ଗା ମା ପା ଧା ନି ସାଂ  ବାଦୀ-ପା

ଅବରୋହ—ସାଂ ନି ଧା ପା ମା ଗା ରେ ସା,  ସଂବାଦୀ-ସା

ମେଳ—ଶୋକ ବରାଡ଼ି, ଜାତି—ସଂପୂର୍ଣ୍ଣ, ସମୟ—ଦିବା ତୃତୀୟ ପ୍ରହର,

ମୁଖ୍ୟାଙ୍ଗ—ପାଧାନି ଧା ପା ମା ଗା ରେ ସା, ରେ ଗା ମା ପା ଧା ପା ।

ପୁନ୍ନାଗ ଓ ବରାଡ଼ି ମିଶ୍ରିତ ଏହା ଏକ ମିଶ୍ର ରାଗ । ଆଜକୁ ତିନିଶହ ବର୍ଷରୁ ଅଧିକ ଏ ରାଗଟି ଉତ୍କଳୀୟ ଗାନ ପରମ୍ପରା ତଥା କାବ୍ୟ କବିତାଦିରେ ସ୍ଥାନ ପାଇ ଆସିଛି । ସଂଗୀତ ପାରିଜାତରେ ଏହାକୁ ପୁନ୍ନାଗ ବରାଟି କୁହାଯାଇଛି । ରାଗରୂପ ପାରିଜାତ ।

**

## ରାଗ—ପଞ୍ଚ ମଞ୍ଜରୀ

ଆରୋହ—ସା ରେ ମା ପା ନି ସାଂ  ବାଦୀ-ମ ।

ଅବରୋହ—ସାଂ ନି ଧା ପା ମା ଗା ରେ ସା ।  ସଂବାଦୀ-ସା

ମେଳ—ଧନାଶ୍ରୀ, ଜାତି—ଔଡ଼ବ ସମ୍ପୂର୍ଣ୍ଣ, ସମୟ...ରାତ୍ର ଦ୍ୱିତୀୟ ପ୍ରହର ।

ମୁଖ୍ୟାଙ୍ଗ—ରେମାପାନି ଧାମାଧାପା, ମାଗାରେଗାସାରେନିସାନିରେସା

ଆଜକୁ ଦୁଇଶହ ବର୍ଷରୁ ଅଧିକ ଉତ୍ତ ରାଗ ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ଦର୍ପଣ ତଥା ଶ୍ୟାମସୁନ୍ଦର ଧୀରଙ୍କ ସହିତ ଆଲୋଚନା କରି ରାଗରୂପ ସ୍ଥିର କରାଯାଇଛି ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



## ରାଗ – ମଙ୍ଗଳ

ଆରୋହ–ସା ଗା ମା ପା ଧା ନି ସା' ବାଦୀ-ମା

ଅବରୋହ–ସା' ନି ଧା ପା ମା ଗା ରେ ସା। ସଂବାଦୀ-ସା

ମେଳ–ଗୌରୀ, ଜାତି–ଔଡବ ସଂପୂର୍ଣ୍ଣ, ସମୟ–ରାତ୍ର ଦୁଇ ପ୍ରହର।
ମୁଖ୍ୟାଙ୍ଗ–ମା ପା ଧା ନି ଧା ପା ମା ଗା ରେ ସା, ଗା ଗା ମା ପା ମା

ଆଜିକୁ ତ୍ରିଶହ ବର୍ଷରୁ ଅଧିକ କାଳ ହେବ ମଙ୍ଗଳରାଗ ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ରାଗରୂପ ଶ୍ୟାମସୁନ୍ଦର ଧୀର ମହାଶୟଙ୍କ ସହ ଆଲୋଚନାମତେ ଗୃହୀତ ।

***

## ରାଗ – ସିନ୍ଧୁ କାମୋଦୀ

ଆରୋହ–ସା ରେ ମା ପା ଧା ନି ପା ଧା ସା' ବାଦୀ-ମା

ଅବରୋହ–ସା' ନି ଧା ପା ମା ଗା, ରେ ମା ଗା ରେ ସା, ସ୍ୱବାଦୀ-ସା

ମେଳ–ଧନାଶ୍ରୀ ବା ପରମେଳ ଗତ, ଜାତି-ବକ୍ର ଷାଡ଼ବ, ସଂପୂର୍ଣ୍ଣ ।
ସମୟ-ରାତ୍ର ଦୁଇ ପ୍ରହର ।
ମୁଖ୍ୟାଙ୍ଗ–ରେମାପାଧାନିଧାପାଧାମାଗା, ରେମାଗାରେନି ଧାସା ।

ସିନ୍ଧୁରାଗ ଓ କାମୋଦୀ ମିଶ୍ରିତ ଏହା ଏକ ଉତ୍କଳୀୟ ପାରମ୍ପରିକ ନିଜସ୍ୱ ରାଗ । ଆଜକୁ ତିନିଶହ ବର୍ଷରୁ ଅଧିକ ଏ ରାଗ ଉତ୍କଳୀୟ କାବ୍ୟ କବିତାଦି ରଚନା ମଧ୍ୟରେ ସ୍ଥାନ ପାଇ ଆସିଛି । ଦୁଇ ପ୍ରାନ୍ତାର ।

***

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


## ରାଗ – ମଧୁସାରଙ୍ଗ

ଆରୋହ– ସା ଗା ମା ପା ନି ସା; ବାଦି - ପା ।

ଅବରୋହ–ସା ନି ପା ମା ଗା ମା ରେ ସା, ସଂବାଦୀ–ରେ ।

ମେଳ–ଧନାଶ୍ରୀ ବା ପରମେଳ ପ୍ରବେଶକ ।

ଜାତି–ଔଡ଼ବ ଷାଡ଼ବ, ସମୟ–ଦିବା ତୃତୀୟ ପ୍ରହର

ମୁଖ୍ୟାଙ୍ଗ–ଗା ମା ପା ନି ପା ମା ଗା ମା ରେ ସା ଗା ମା ପା,

ରାଗ ମଧୁସାରଙ୍ଗ–ମଧୁବନ୍ତୀ ଓ ସାରଙ୍ଗ ମିଶ୍ରିତ ଏକ ମିଶ୍ର ରାଗ । ଆଜକୁ ଦୁଇଶହ ବର୍ଷ ପାଖାପାଖି ଉକ୍ତ ରାଗଟି ଏ ଅଞ୍ଚଳର ବିଭିନ୍ନ ରଚନା ମଧ୍ୟରେ ସ୍ଥାନ ପାଇ ଆସିଛି । ରାଗଟି ଉତ୍କଳୀୟ ସଙ୍ଗୀତ ସଂପ୍ରଦାୟର ଏକ ନିଜସ୍ୱ ମିଶ୍ର ରାଗ ।

❋❋

## ରାଗ – ନଟସାରଙ୍ଗ

ଆରୋହ–ସା ରେ ଗା ମା ପା ଧା ନି ପା, ମା ପା ନି ସା ବାଦୀ–ପା

ଅବରୋହ–ସା ନି ପା ମା ରେ ସା; ସଂବାଦୀ–ରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମେଳ...ଶ୍ରୀ, ଜାତି...ବକ୍ର ସଂପୂର୍ଣ୍ଣ ଷାଡ଼ବ

ସମୟ...ଦିବା ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ...ରେ ଗା ମା ପା ଧା ନି ପା ମା ରେ ସା, ରେ ଗା ମା ପା ।

ରଗ..ନଟସାରଙ୍ଗ, ନଟ ଓ ସାରଙ୍ଗ ମିଶ୍ରିତ ଏହା ଏକ ମିଶ୍ର ରଗ । ଆଜକୁ ଦୁଇଶହ ବର୍ଷରୁ ଅଧିକ ଉକ୍ତ ରଗଟି ଉତ୍କଳୀୟ ଗାନ ପରମ୍ପରାରେ ସ୍ଥାନ ପାଇ ଆସିଛି । ଏହି ନାମ ନିର୍ଦ୍ଦେଶରେ ବହୁ ରଚନା ଥିବା ଦେଖାଯାଏ । ରାଗଟି ଉତ୍କଳର ଏକ ନିଜସ୍ୱ ପାରମ୍ପରିକ ରାଗ ।

**

## ରାଗ—ଚନ୍ଦ୍ରାକେଦାର

ଆରୋହ...ସା ମା ଗା ମା ପା ମା ଧା ପା, ମା ପା ନି ସା, ବାଦୀ...ସା

ଅବରୋହ...ସା ନି ଧା ପା ମା ଗା ରେ ସା, ସମ୍ବାଦୀ...ପା

ମେଳ...ଭୈରବୀ ବା ପରମେଳ ପ୍ରବେଶକ ଜାତି...ଔଡ଼ବ-ସମ୍ପୂର୍ଣ୍ଣ,

ସମୟ...ଦିବା ପ୍ରଥମ ପ୍ରହର

ମୁଖ୍ୟାଙ୍ଗ...ମା ପା ଧା ପା, ମା ଗା ରେ, ସା

ସା ମା ଗା ମା ପା ମା ଧା ପା,

ରାଗ...ଚିନ୍ତାକେଦାର...ମାଳବଗୌଡ଼ା ଓ କେଦାର ମିଶ୍ରିତ ଏକ ମିଶ୍ର ରାଗ । ଆଜକୁ ତିନିଶହ ବର୍ଷ ହେବ ଏ ରାଗ ଉତ୍କଳୀୟ ଗାନ ପର-

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ମରାରେ ସ୍ଥାନ ପାଇଆସିଛି । ଉତ୍କଳୀୟ ବହୁକାବ୍ୟ କବିତାଦିରେ ରାଗ... ଚିତ୍ତାକେନାର ନାମ ଦେଖାଯାଏ । ମୋର ବାଲ୍ୟଗୁରୁଙ୍କର କହିବା ଓ ଗାଇବା 'କାଳିଆ ଲଗି ସିନା ସବୁଛି ମୁହିଁ ଗୋ ପ୍ରିୟବହି' ଗୀତଟିର ସ୍ୱର ଅନୁସାରେ ରଗରୂପ ପ୍ରସ୍ତୁତ । ଏହା ସେ ତାଙ୍କ ଗୁରୁ ମନମୋହନ ସାବତ୍‌ଙ୍କ ଠାରୁ ପ୍ରାପ୍ତ ହୋଇଥିବା ସେ କହନ୍ତି ।

**

## ରଗ – କୁସୁମ କେଦାର

ଆରୋହ...ସା ମା ଗା ମା ରେ, ମା ପା ଧା ପା, ମା ପା ନି ସା,

ବାଦୀ...ରେ

ଅବରୋହ...ସା ନି ଧା ନି ଧା ପା ମା ଗା ମା ରେ ସା ସଂବାଦୀ...ପା

ମେଳ...୩, ଜାତି...ଵକ୍ରସଂପୂର୍ଣ୍ଣ, ସମୟ...ରତ୍ରି ଦ୍ୱିତୀୟ ପ୍ରହର

ମୁଖ୍ୟାଙ୍ଗ...ମା ଗା ମା ରେ ମା ପା ଧା ନି ଧା ପା ମା ଗାମା ରେ ସା

ରେ ମା ପା ଧା ପା ।

ରଗ...କୁସୁମ କେଦାର, କେଦାର, ବେଲବଳୀ ଓ କାମୋଦୀ ମିଶ୍ରିତ ଏକ ମିଶ୍ର ରାଗ, ହେଲେ ଅଦ୍ୟାବଧି ଏହା ଅଳ୍ପ ଗୋଚର ବା ଅଗୋଚର ବୋଲି କୁହାଯାଇପାରେ । ରାଗରୂପ ମୋର ବାଲ୍ୟଗୁରୁ ଶ୍ରୀଯୁକ୍ତ ଦାମୋଦର ପଣ୍ଡାଙ୍କର 'ଆଜ ଏ କି ତୃଷାରେ ହରିଣୀ ଦୃଷା' ଗୀତର ସ୍ୱର ତଜଣୀ ମତେ ପ୍ରସ୍ତୁତ । ତାଙ୍କ କହିବା ମତେ ଏ ଗୀତଟିର ସ୍ୱର ଓ ଓ ନାମ ସେ ତାଙ୍କ ଗୁରୁ ମନମୋହନ ସାବତ୍‌ଙ୍କ ଠାରୁ ପ୍ରାପ୍ତ ହୋଇଥିଲେ ।

**

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



# ଓଡ଼ିଆ ସଙ୍ଗୀତ ସମ୍ପ୍ରଦାୟର ତାଳ ପରିଚୟ—

ପ୍ରାଚୀନ କାଳରେ ସଙ୍ଗୀତ କହିଲେ ଗୀତ, ବାଦ୍ୟ ଓ ନୃତ୍ୟ ତ୍ରୟର ଏକତ୍ର ସମାବେଶକୁ ଯଥା—"ଗୀତଂ ବାଦ୍ୟଂ ଚ ନୃତ୍ୟଂ ଚ ତ୍ରୟଂ ସଙ୍ଗୀତ ମୁଚ୍ୟତେ" ବୋଲି କୁହାଯାଉଥିଲା । ଅନ୍ୟମତେ ପୁଣି ଏହା, "ଗୀତଂ ବା, ବାଦ୍ୟଂ ବା, ନୃତ୍ୟଂ

× × ×

ରକ୍ତି ରଞ୍ଜୟତେ ଗୁଣାତଃ, ଏ ଦୃଷ୍ଟିରୁ ଗୀତ ହେଉ, ବାଦ୍ୟ ହେଉ ବା ନୃତ୍ୟ ହେଉ ଯହିଁରେ ରକ୍ତି ଓ ରଞ୍ଜନ ଆଦି ଗୁଣ ଅଭିବ୍ୟକ୍ତ କରିବା କ୍ଷମତା ଅଛି, ତାହା ସଙ୍ଗୀତ ବୋଲି କୁହାଯାଇଛି ।"

ସେ ଯାହାହେଉ ଗୀତ, ବାଦ୍ୟ ଆଦି ସମସ୍ତ କଳା, ପ୍ରତ୍ୟେକେ ପ୍ରତ୍ୟେକର ପରିପୂରକ । ଏକଦିନା ଅନ୍ୟର ପ୍ରକାଶ ବା ପରିପୂର୍ଣ୍ଣତା ଅସମ୍ଭବ । ତେଣୁ ଶାସ୍ତ୍ରରେ କୁହାଯାଇଛି—

"ବିନା ବାଦେନ ଗୀତାଦେର୍ଗତି ଶୂନ୍ୟ ନ ଜାୟତେ"

ଏ ଦୃଷ୍ଟିରୁ ଗାନ ଓ ନୃତ୍ୟ ସହିତ ବାଦନର ଆବଶ୍ୟକତା ଅନିର୍ବାର୍ଯ୍ୟ, ବାସ୍ତବରେ ଏହିପରି କିଛି ନିୟମ ଓ ବାଦ୍ୟନ ପ୍ରକାର ଦ୍ୱାରା ହିଁ ପାରମ୍ପରିକ ଗାନ, ବାଦନ; ଓ ନୃତ୍ୟ ଶୈଳୀମାନଙ୍କର ଭିନ୍ନତା ପ୍ରତିପାଦିତ ହୋଇଥାଏ ।

ଅନ୍ୟାନ୍ୟ ସଙ୍ଗୀତ ପରମ୍ପର ମଧ୍ୟରେ ଯେପରି କିଛି ସମତା ଓ ଭିନ୍ନତା ଥାଇ ବାଦ୍ୟ, ବାଦନ ତଥା ତାଳାଦିର ନାମ ଓ ସାଙ୍ଗୀତିକ ପରିଭାଷା ଆଦିରେ କେତେକ ସ୍ୱାତନ୍ତ୍ର୍ୟ ଅଛି, କୈଶୀୟ (ଓଡ଼ିଶୀ) ସଙ୍ଗୀତରେ ମଧ୍ୟ ଠିକ୍ ସେହିପରି କିଛି ସମତା ଓ ଭିନ୍ନତା ଥିବା ଦେଖାଯାଏ ।'

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ଅନ୍ୟ ଦୂଇ ସଙ୍ଗୀତ ସମ୍ପ୍ରଦାୟରେ ବିଶେଷ କରି ଶାସ୍ତ୍ରୀୟ ସଙ୍ଗୀତରେ ପଖ୍‌ଓ୍ୱାଜ, ବାୟାଁ ତବଲ, ମୃଦଙ୍ଗମ୍ ଓ ମଞ୍ଜିଗ ଆଦି ବାଦ୍ୟ ଯନ୍ତ୍ରମାନ ସହଯୋଗୀ ଯନ୍ତ୍ରଭବେ ବ୍ୟବହାର ହେଲଭଳି, ଓଡ଼ିଶୀ ସଙ୍ଗୀତରେ ମର୍ଦ୍ଦଳ ମନ୍ଦିଗ (କୁବୁଜି) ଆଦି ସହଯୋଗୀ ବାଦ୍ୟଯନ୍ତ୍ର ଭବେ ବ୍ୟବହୃତ ହୋଇଥାଏ । ସଂକ୍ଷେପରେ କୁହାଗଲେ ଅନ୍ୟ ଦୂଇ ସଙ୍ଗୀତରେ ବାଦ୍ୟ ଓ ବାଦନ ଶୈଳୀ ତଥା ତତ୍‌ସମ୍ପର୍କୀୟ ପାରିଭଷିକ ଶବ୍ଦାଦିର ସ୍ୱାତନ୍ତ୍ର୍ୟ ପରି ଓଡ଼ିଶୀ ସଙ୍ଗୀତରେ ମଧ୍ୟ ସ୍ୱ ତନ୍ତ୍ର୍ୟ ରହିଥିବା ଦେଖାଯାଏ ।

ଅଧୁନା ଓଡ଼ିଶୀ ସଙ୍ଗୀତ ଭବେ ପରିଚିତ ସଙ୍ଗୀତ ବହୁ ପ୍ରାଚୀନ । ଏହା ହଜାର ହଜାର ବର୍ଷ ପୂର୍ବରୁ ବହୁଭବେ ବହୁ ନାମରେ ଯଥା—ଉଡ୍ର, କଳିଙ୍ଗ, ଉତ୍କଳ ତଥା ଓଡ଼ିଶୀ ଭବେ ନାମିତ ହୋଇ ଆସିଛି । ଏହି ପରିବର୍ତ୍ତନ ମଧ୍ୟରେ ପୂର୍ବର କେତେକ ପୁରାତନ ତାଳ ଯଥା : ଚଢ଼ପୁଟ, ସମ୍ପକ, ଉଦ୍‌ଘଟ, କଙ୍କଣ, କୋକିଳାରବ, ରଜକୋଳାହଳ, ରଙ୍ଗ ବିଦ୍ୟାଧର, ଶଚିପ୍ରିୟ, ହଂସଲୀଳା, ସିଂହନନ୍ଦନ ଆଦି ତାଳମାନ ପରିବର୍ତ୍ତିତ ବା ଅବଲୁପ୍ତ ହୋଇଛି । ବାଦ୍ୟବିଶେଷଜ୍ଞମାନଙ୍କ ଦ୍ୱାରା ଏ ଗୁଡ଼ିକର ଉଦ୍ଧାର ପାଇଁ ପ୍ରଚେଷ୍ଟା ହେବା ଉଚିତ ।

ସେ ଯାହାହେଉ, ଏଠାରେ ତାଳ ସମ୍ବନ୍ଧେ କିଛି ସଂକ୍ଷିପ୍ତ ଶାସ୍ତ୍ରାଲୋଚନା ସହିତ, ପ୍ରଚଳିତ ତାଳମାନଙ୍କର ପରିଚୟ ପ୍ରଦାନ କରାଗଲା । ଶାସ୍ତ୍ରାଧାର ମତେ, ଉତ୍କଳୀୟ ସଙ୍ଗୀତ ପରମ୍ପରରେ ଆଦି ଯତି, ନିସାରି ଆଦି ଯଥା :—

"ଆଦିର୍ଯତିର୍ନିସାରିକୋ ମଣ୍ଟୋଽଥ ଝମ୍ପକଃ,
ତ୍ରିପୁଟାଢୌ ରପକୈକତାଳୌ ଇତି ନବତାଳାଃ ॥"

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



କେଚିତ କୁଡୁକଂ ଉପାଡ଼ଡ଼ଂ, ଚ ଅତ୍ର ଭଷନ୍ତେ

ଅତ୍ର ଏକାଦଶତାଳାମ୍‌କୋ ଭବତି, ଏ ଦୃଷ୍ଟିରୁ ନବତାଳ ଓ ଏକାଦଶ ତାଳ । ଅନ୍ୟତ୍ର

"ଆଦିର୍ଯତିନିଃସାରିଷ୍ଟ ମଣ୍ଠ ଝମ୍ପକ ରୂପକାଃ
ତ୍ରିପୁଟୋ ହ୍ୟଡ୍‌ଡତାଳଶ୍ଚ ତ୍ୟେକତାଳୀ ତତଃପରମ୍
କୁଡୁକତାଳାଶ୍ଚ କଥିତା ଦଶଧେତି ମୁନିଶ୍ୱରୈଃ ।।"

ଏ ଦୃଷ୍ଟିରୁ ଉପରୋକ୍ତ ଶାସ୍ତ୍ରାଧାର ମତେ ନବତାଳ, ଦଶତାଳ ଓ ଏକାଦଶ ତାଳ ତଥା ପାରମ୍ପରିକ ଓ ପୌରାଣିକ ଭାବେ ଏହାଠାରୁ କିଛି ଅଧିକ ତାଳ ଯଥା:—ଝୁଲ୍ଲ, ପହପଟ ଓ ଖେମଟା ନାମକ ତାଳମାନ ଓଡ଼ିଶୀ ସଙ୍ଗୀତରେ ପ୍ରଚଳିତ ଥିବାର ପ୍ରମାଣ ମିଳେ । ବାଦନ ସମ୍ବନ୍ଧେ ଉତ୍କଳୀୟ ତାଳ ପରମ୍ପରାରେ ମଧ୍ୟ ଏକ ବିଶେଷ ଉଲ୍ଲେଖନୀୟ ବିଷୟ ଥିବା ଦେଖିବାକୁ ମିଳେ ।

ସେଇଟି ହେଲା, ଉତ୍କଳୀୟ କବି ତଥା ସଙ୍ଗୀତଜ୍ଞ କବିରାଜ ଜୟଦେବଙ୍କ ଠାରୁ ଆରମ୍ଭ କରି ବହୁ ଶାସ୍ତ୍ରାକାର ତଥା ବାଗେୟକାରମାନେ ତାଙ୍କ ଗାନବାଦନରେ, ତାଳ ମଧ୍ୟରେ କୌଣସି ଜାତିଭେଦ ପ୍ରଥା ଗ୍ରହଣ କରିନାହାନ୍ତି,ଶତଶତ ଗାୟକ,ବାଦକ ଓ ବାଗେୟ-କାରଙ୍କ ମଧ୍ୟରୁ କେବଳ କବି ଗୋପାଳ କୃଷ୍ଣ ପ୍ରାନ୍ତୀୟ ପ୍ରଭାବରେ ଥାସି ତାଙ୍କ ସମସ୍ତ ରଚନା ମଧ୍ୟରେ ମାତ୍ର ଗୋଟିଏ, ଦୁଇଟି ରଚନାରେ ମାତ୍ର ଥରେ ଦୁଇଥର ଏକ ଜାତି ନାମ ଉଲ୍ଲେଖ କରିଥିବା ଦେଖାଯାଏ । ଏ ଦୃଷ୍ଟିରୁ ବିଚାର କଲେ ଉତ୍କଳୀୟ ସଂଗୀତ ତଥା ତାଳ ପରମ୍ପରାରେ ଜାତିଭେଦ ପ୍ରଥା ଗ୍ରହଣ କରାଯାଇନଥିବା ପ୍ରମାଣିତ ହୁଏ ।

ଆଲୋଚିତ ସଂଗୀତ ପରମ୍ପରାରେ ପ୍ରଚଳିତ ତାଳଗୁଡ଼ିକ ହେଲା — ୧- ଆଦି, ୨- ଯତି, ୩- ଆଡତାଳି, ୪- ସରିମାନ, ୫- କୁଡୁକ, ୬- ଅଟ୍ଟ, ୭- ଝମ୍ପା, ୮- ମଠା, ୯- ଆଠତାଳି, ୧୦- ତ୍ରିପଟା, ୧୧- ରୂପକ, ୧୨- ଖେମଟା, ୧୩- ଝୁଲ୍ଲ, ୧୪- ଖଣ୍ଡଝମ୍ପା, ୧୫ ଏକତାଳି, ୧୬ ଖେମଟା ।

Dr. Urmila Sharma Collection, Varanasi

CC-0. In Public Domain. Digitizagtion by eGangotri

ଅନ୍ୟାନ୍ୟ ସଂଗୀତ ସଂପ୍ରଦାୟ ଭଳି ଉତ୍କଳୀୟ ସଂଗୀତରେ ମଧ୍ୟ କେତୋଟି ତାଳ ବହୁଳ ପ୍ରଚଳିତ ଓ କେତୋଟି ଅଳ୍ପ, ତଥା କୋତୋଟି ତାଳ ସମ୍ବନ୍ଧେ ସାମାନ୍ୟ ମତ ପାର୍ଥକ୍ୟ ଥିବା ଦେଖାଯାଏ । ପ୍ରଚଳିତ ତାଳ ମଧ୍ୟରୁ ଆଦିତାଳ ସବୁଠାରୁ ଅଧିକ ମାତ୍ରାର ତାଳବୋଲି ଶାସ୍ତ୍ରମତ ନିଳେ ।

ଯଥା :- ଆଦୌ ଆଦିତାଳଃ ତତୌ ଯତି ନିଃସାରିକ

ମଣ୍ଡାନାଂ ଯଥାକ୍ରମ ଗାନ ଅତେ ଏକତାଳି ଇତି ନିୟମ"

ଏ ଦୃଷ୍ଟିରୁ ଆଦିତାଳ, ଯତିତାଳଠାରୁ ଅଧିକ ମାତ୍ରାର ତାଳ, ଯେଣୁ ଯତି ତାଳର ମାତ୍ରା ୧୪, ତେଣୁ ଆଦିତାଳ ୧୬ ମାତ୍ରା ଏହା ନିଃସନ୍ଦେହ । ଏହାଛଡା ଆଦିତାଳ ୧୬ ମାତ୍ରା ବୋଲି ଶାସ୍ତ୍ରରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ ଥିବା ଦେଖାଯାଏ । ଯଥା :-

ଽତ୍ର ଆଦିତାଳେ ଷୋଡ଼ଷ ମତ୍ରାଃକୋ"; । ଗୀତିପ୍ରକାଶ, ନାଟ୍ୟ ମନୋରମା ଆଦି ଗ୍ରନ୍ଥାଧାର ଓ ପରମ୍ପରା ମତେ

ଆଦିତାଳ- ୧୬ ମାତ୍ରା, ୪ ଭଗ, ୧।୫।୯।୩ ଉପରେ ତାଳି, ୮ ଉପରେ ଖାଲି, ୪+୪+୪+୪ ଛନ୍ଦ । ଧରଣ ବା ଉତ୍କୁଟ :-

| | | | | | | | | |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | |
| ଧା | କଧି | ନାକ | ଧିନି | ଧା | କଧି | ନାକ | ଧିନି | |
| × | | | | ୨ | | | | |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | |
| ତା | କତି | ନାକ | ତିନି | ଧା | କଧି | ନାକ | ଧିନି | |
| ୦ | | | | ୩ | | | | |

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ପ୍ରକାର ଭେଦରେ

୧ ୨ ୩ ୪ । ୫ ୬ ୭ ୮ ।
ଧା ଧୂନା କିଟା ଧୂନ୍ । ଧା ଧୂନା କିଟା ଧୂନ୍ ।
× । ୩ ।

୯ ୧୦ ୧୧ ୧୨ । ୧୩ ୧୪ ୧୫ ୧୬ ।
ତା ତିନା କିଟା ତିନି । ଧା ଧୂନା କିଟା ଧୂନି ।
୦ । ୨ ।

ଯତି– ୧୪ ମାତ୍ରା, ୪ ଖଗ, ୩+୪+୩+୪ ଛନ୍ଦ, ୧।୪।୧୧ ଉପରେ ତାଳି, ୮ ଉପରେ ଖାଲି, ଯଥା –

୧ ୨ ୩ । ୪ ୫ ୬ ୭ । ୮ ୯ ୧୦ ।
ଧା ଧୂ ନା । ଧା ଧା ଧୂ ନା । ତା ତି ନା ।
× । ୨ । ୦ ।

୧୧ ୧୨ ୧୩ ୧୪
ଧା ଧା ଧୂ ନା
୩

ଆଉଚ୍ଚାଲି– ୧୪ ମାତ୍ରା, ୪ ଖଗ, ୪+୩+୪+୩ ଛନ୍ଦ, ୧।୫।୧୨. ଉପରେ ତାଳି, ୮ ଉପରେ ଖାଲି; ଯଥା –

୧ ୨ ୩ ୪ । ୫ ୬ ୭ । ୮ ୯ ୧୦ ୧୧ ।
ଧା ଧା ଧୂ ନା । ଧା ଧୂ ନା । ତା ତା ତି ନା ।
× । ୨ । ୦

୧୨ ୧୩ ୧୪
ଧା ଧୂ ନା
୩

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



**ସରିମାନ–** ୧୪ ମାତ୍ରା, ୪ ଭାଗ, ୪+୨+୪+୪ ଛନ୍ଦ, ୧।୫।୭।୧୧ ଉପରେ ତାଳି –

| | | | | | | |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | |
| ଧା | କଧୂ | ନାକ | ଧୂନି | ତାକ | ଧୂନି | |
| × | | | | ୨ | | |

| | | | | | | | |
|---|---|---|---|---|---|---|---|
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ଧା | କଧୂ | ନାକ | ଧୂନି | ଧା | କଧୂ | ନାକ | ଧୂନି |
| ୩ | | | | ୪ | | | |

କାହା କାହା ମତେ ସରିମାନ ତାଳ ମଧ୍ୟ ୧୪ ମାତ୍ରା, ୭ ଭାଗ, ୨+୨+୨+୨+୨+୨+୨ ଛନ୍ଦ, ୧।୫।୭।୧୧ ଉପରେ ତାଳି, ୩।୯।୧୩ ଉପରେ ଖାଲି; ଯଥା –

| | | | | | | | |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଧା | କଧୂ | ନାକ | ଧୂନି | ତାକ | ଧୂନି | ଧା | କଧୂ |
| × | | ୦ | | ୨ | | ୩ | |

| | | | | | |
|---|---|---|---|---|---|
| ୯ | ୧୦ | ୧୧ | ୧୨ | ୧୩ | ୧୪ |
| ନାକ | ଧୂନି | ଧା | ଧୂନି | ନାକ | ଧୂନି |
| ୦ | | ୪ | | ୦ | |

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


କୁଡୁକ– ୧୨ ମାତ୍ରା, ୬ ଖଣ୍ଡ, ୨+୨+୨+୨+୨+୨ ଛନ୍ଦ, ୧।୫।୯।୧୧ ଉପରେ ତାଳି, ୩।୭ ଉପରେ ଖାଲି, ଯଥା –

| ୧ | ୨ | । | ୩ | ୪ | । | ୫ | ୬ | । | ୭ | ୮ | । |
|---|---|---|---|---|---|---|---|---|---|---|---|
| ଧା | କଡତାକ | । | ତିଂ | ନା | । | କଡତାକ | ଧା | । | ତିଂ | ନା | । |
| × | | । | ୦ | | । | ୨ | | । | ୦ | | । |

| ୯ | ୧୦ | । | ୧୧ | ୧୨ | । |
|---|---|---|---|---|---|
| କଡତାକ | ଧୁନା | । | ଜିଟା | ତାକ | । |
| ୩ | | । | ୪ | | । |

ଉକ୍ତ ତାଳକୁ କେହି କେହି ୪+୪+୨+୨ ଛନ୍ଦ ବୋଲି କହିଥାନ୍ତି ।

ଅଙ୍କେ... ୧୨ ମାତ୍ର, ୪ ଖଣ୍ଡ, ୪+୪+୨+୨ ଛନ୍ଦ, ୧।୫।୯।୧୧ ଉପରେ ତାଳ, ଖାଲ ନାହିଁ ।

| ୧ | ୨ | ୩ | ୪ | । | ୫ | ୬ | ୭ | ୮ | । |
|---|---|---|---|---|---|---|---|---|---|
| ଧା | କଧି | ନାକ | ଧୁନି | । | ଧା | କଧି | ନାକ | ଧୁନି | । |
| × | | | | । | ୨ | | | | । |

| ୯ | ୧୦ | । | ୧୧ | ୧୨ | । |
|---|---|---|---|---|---|
| ତାକ | ଧୁନି | । | ତାକ | ଧୁନି | । |
| ୩ | | । | ୪ | | । |

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



କାହା କାହା ମତେ ଅଟ୍ଟ ୧୨ ମାତ୍ରା, ୬ ଭଗ, ୨+୨+୨+୨+୨+୨ ଛନ୍ଦ, ୧ । ୫ । ୯ । ୧୧ ଉପରେ ତାଳି ୩ । ୭ ଉପରେ ଖାଲି ।

| ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|
| ଧା | କଧି । | ନାକ | ଧିନ୍ । | ଧା | କଧି । |
| × | । | ୦ | । | ୨ | । |

| ୭ | ୮ | ୯ | ୧୦ | ୧୧ | ୧୨ |
|---|---|---|---|---|---|
| ନାକ | ଧିନ୍ । | ତାକ | ଧିନ୍ । | ତାକ | ଧିନ |
| ୦ | । | ୩ | । | ୪ | |

୭–ଝଞ୍ଝା, ୧୦ ମାତ୍ରା, ୪ ଭଗ, ୨+୩+୨+୩ ଛନ୍ଦ, ୧ । ୩ । ୮ ଉପରେ ତାଳି, ୬ ଉପରେ ଖାଲି, ଯଥା :—

| ୧ | ୨ | ୩ | ୪ | ୫ |
|---|---|---|---|---|
| ଧାତି | ନାମ୍ । | ଧା-କଡ୍ | ଧାତି | ନାମ୍ । |
| × | । | ୨ | | |

| ୬ | ୭ | ୮ | ୯ | ୧୦ |
|---|---|---|---|---|
| ନାତି | ନାମ୍ । | ଧା-କଡ୍ | ଧାତି | ନାମ୍ |
| ୦ | । | ୩ | | |

—×—

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



୮–ମଠା, ୧୦ ମାତ୍ରା, ୫ ଖଣ୍ଡ, ୨+୨+୨+୨+୨ ଛନ୍ଦ,
୧ । ୫ । ୭ ଉପରେ ତାଳି, ୩ । ୯ ଉପରେ ଖାଲି, ଯଥା :...

| | | | | | | | | | |
|---|---|---|---|---|---|---|---|---|---|
| ୧ | | ୨ | | ୩ | ୪ | ୫ | | ୬ | |
| ଧା | | କଧି | । | ନାକ | ଧିନି | । ତାକ | | ଧିନି | । |
| × | | | । | ୦ | | । ୨ | | | । |
| ୭ | | ୮ | | ୯ | ୧୦ | | | | |
| ଧା | | କଧି | । | ନାକ | ଧିନି | | | | |
| ୩ | | | । | ୦ | | | | | |

୯–ଆଠତାଳି (ଅଷ୍ଟତାଳୀ)

ଉକ୍ତ ତାଳଟି ଆମ ଉତ୍ତଳୀୟ ସଙ୍ଗୀତ ସମ୍ପ୍ରଦାୟର ଏକ ମହତ୍ୱପୂର୍ଣ୍ଣ ତାଳ । ଉତ୍ତଳୀୟ କବି ଓ ଅଦ୍ୱିତୀୟ ସଙ୍ଗୀତଜ୍ଞ ବାଦ୍ୟ ପ୍ରବୀଣ ଶ୍ରୀ ଗୀତ-ଗୋବିନ୍ଦ ରଚୟିତା ଜୟଦେବ ଏ ଆଠତାଳି (ତତ୍‌କାଳୀନ ଅଷ୍ଟତାଳୀ)ର ନିର୍ମାତା ବୋଲି ମନେହୁଏ । ସେ ତାଙ୍କ ବିଶ୍ୱବିଖ୍ୟାତ ଅମର କାବ୍ୟ ଶ୍ରୀ ଗୀତଗୋବିନ୍ଦର ୧୦ମ ପ୍ରବନ୍ଧ "ବଦସି ଯଦି କିଞ୍ଚିଦପି" ଅଷ୍ଟପଦିଟି "ଦେଶବଗଡ଼ୀ ରଗେଣ ଅଷ୍ଟତାଳାଭ୍ୟାଂ ଗୀୟତେ" ବୋଲି ନିର୍ଦ୍ଦେଶ କରିଛନ୍ତି । ଏହି ତାଳ ପରବର୍ତ୍ତୀ ସମୟରେ ଆଠତାଳି ଭବେ କବିସମ୍ରାଟ୍, ବନମାଳୀ ଆଦି ଉତ୍ତଳୀୟ କବି ଓ ବାଗେୟକାରଙ୍କ ଦ୍ୱାରା ଗୃହୀତ ହୋଇଆସିଛି । ତାଳଟି ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଶ୍ରୀ ବନମାଳୀ ମହାରଣା ଓ ଗୁରୁ ଶ୍ରୀ କୃଷ୍ଣଚନ୍ଦ୍ର ଗୁରୁ ଆଦି ବହୁ ବିଜ୍ଞ ବାଦକ ତଥା ବହୁ ଗାୟକଙ୍କ ବିଗ୍ଧର ତଥା ଶହଶହ ବର୍ଷର ପରମ୍ପରାଗତ ବାଣୀ ଆଧାର ମତେ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



୯

୯–ଆଠତାଳି, ୮ ମାତ୍ରା, ୩ ଘଗ, ୪+୨+୨ ଛନ୍ଦ,
୧ । ୫ । ୬ ଉପରେ ତାଳି, ଖାଲି ନାହିଁ, ଯଥା :...

୧ ୨ ୩ ୪
ଧା –ତି ନାକଡ଼ତାକ ତାକତିନ୍ ।

×

୫ ୬ ୭ ୮
ଧାଧି ନାତି । ନାକଡତାକ ତାକଧିନ୍
୨ । ୩

୧୦–ଶ୍ରୀପଟ୍ଟା, ୭ ମାତ୍ରା, ୩ ଘଗ, ୩+୨+୨ ଛନ୍ଦ,
୧ । ୪ । ୬ ଉପରେ ତାଳି, ଖାଲି ନାହିଁ, ଯଥା :...

୧ ୨ ୩ । ୪ ୫ । ୬ ୭
ଧା–ଗଡ଼ ଧାତି ଦାକ୍ । ଧାତି ଦାକ୍ । ଧାତି ଦାକ
× । ୨ । ୩

–୦–

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


୧୧–ରୂପକ, ୬ ମାତ୍ରା, ୨ ଖଗ, ୨+୪ ଛନ୍ଦ, ୧।୪ ଉପରେ ତାଳି, ଖାଲି ନାହିଁ, ଯଥା :—

୧ ୨ ୩ ୪ ୫ ୬
ଧା ତେଟେ । ଧା ଧା ତିଂ ନା
×
୨

୧୨–ଝୋମ୍ଟା, ଏହି ତାଳଟି ବହୁ ପୁରାତନ ତଥା ପୁରାଣ ପ୍ରସିଦ୍ଧ । ୬ ମାତ୍ରା, ୨ ଖଗ, ୧ ଉପରେ ତାଳି, ୪ ଉପରେ ଖାଲି, ୩+୩ ଛନ୍ଦ, ଯଥା :—

୧ ୨ ୩ ୪ ୫ ୬
ଧାକେ ଟେତା କେଟେ । ତାକ ଧୂନା କେଟେ
×
୦

୧ ୨ ୩ ୪ ୫ ୬
ଧାକ ଧାଧା ଧୂନ୍ । ତାକ୍ ଧାଧା ଧୂନ୍
×
୦

୧୩–ଝୁଲ୍ଲା, ତାଳଟି ପରମ୍ପରାସିଦ୍ଧ, ହେଲେ ତାଳ ସମ୍ବନ୍ଧେ ମତଭେଦ ଅଛି, ୬ ମାତ୍ରା, ୨ ଖଗ, ୪+୨ ଛନ୍ଦ, ୧।୫ ତାଳି, ଖାଲି ନାହିଁ, ଯଥା:—

ଧା ଧା ତି ନାକ । ଧା ତିନ୍ ; ବା
×
୨

୧ ୨ ୩ ୪ ୫ ୬
ଧେଇ ଧୂନା ଧେଇ ତାକ । ଧା ତିନ୍
×
୨

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



୧୪–ଝଣ୍ଟୁଝୁମ୍ଭା, ୫ ମାତ୍ରା, ୨+୩ ଛନ୍ଦ, ୩ ଉପରେ ତାଳି, ଖାଲି ନାହିଁ, ଯଥା :...

୧ ୨ ୩ ୪ ୫
ଧାତି ଦାନ । ଧା-ଗଡ଼ ଧାତି ଦାକ୍
× ୨

୧୫–ଏକତାଳି, ୪ ମାତ୍ରା, ୧ଲଘୁ, ୧ ଉପରେ ତାଳି, ଖାଲି ନାହିଁ, ଯଥା:–

୧ ୨ ୩ ୪
ଧା -ତି ନାତେରେକେତେ ତାକଧିନ୍ । , ବା
×

୧ ୨ ୩ ୪
ଧା କଧି ନାକ ଧିନି
×

୧୬–ପହୁପଟ୍ଟ, ଉକ୍ତ ତାଳଟି ଉତ୍ତରୀୟ ପରମ୍ପରାରେ ଏକ ନିଜସ୍ୱ ତାଳ ରୂପେ ଗୃହୀତ, ହେଲେ ଝୁଲ ଓ ଖେମଟା ତାଳଭଳି ଏ ତାଳ ସମ୍ବନ୍ଧେ କିଛି ମତଭେଦ ଅଛି । ୪ ମାତ୍ରା ୨ ଲଘୁ, ୨+୨ ଛନ୍ଦ, ୧ ଉପରେ ତାଳି, ୩ ଉପରେ ଖାଲି ।

୧ ୨ ୩ ୪
ଧେଇଧିନା କିଟାଧିନା । ତାକତିନା କିଟାଧିନା , ବା
× ୦

୧ ୨ ୩ ୪
ଧେଇଧିନା କିଟାତିନ୍ । ତାଧିନା କିଟାଧିନ୍
× ୦ ୦

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri


ଭିନ୍ନ ଭିନ୍ନ ସଙ୍ଗୀତର ଶୈଳୀ ତଥା ସ୍ୱାତନ୍ତ୍ର୍ୟ ପ୍ରକାଶପାଇଁ ରଗରଗିଣୀ ପରି ତାଳର ସ୍ୱାତନ୍ତ୍ର୍ୟ ମଧ୍ୟ ଆବଶ୍ୟକ, ବରଂ ଏ ଦିଗରେ ରଗଠାରୁ ତାଳର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏବେ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ମଧ୍ୟରେ ୧୦।୧୨ ଗୋଟି ରଗର ନାମ ଓ ସ୍ୱର ମଧ୍ୟରେ ସମାନତା ଦେଖାଯାଉ ଥିଲବେଳେ; ମାତ୍ର ଦୁଇ ତିନିଟି ତାଳର ନାମଗତ ସମାନତା ଥିବା ଦେଖାଯାଏ । ଏ ଦୃଷ୍ଟିରୁ ସଙ୍ଗୀତର ଶାସ୍ତ୍ର ତଥା ଶୈଳୀଗତ ଭିନ୍ନତା ପ୍ରକାଶ ପାଇଁ ତାଳର ଭୂମିକା ମହତ୍ୱପୂର୍ଣ୍ଣ ।

ଏଇ ପରିପେକ୍ଷୀରେ ବିଚାର କରି ଦେଖିଲେ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତର ତାଳଭେଦ ପରି ଓଡ଼ିଶୀ ସଙ୍ଗୀତରେ ମଧ୍ୟ ତାଳ ସଭେଦ ଅଛି । ପରମ୍ପରାଗତ ବାଦନ ଶୈଳୀର ବାଣୀ ସହ ସମସ୍ତ ତାଳ ମଧ୍ୟରୁ କେତେଗୋଟି ତାଳର ଅନ୍ୟ ଦୁଇ ସଙ୍ଗୀତ ସଂପ୍ରଦାୟ ସହିତ କିଛି ଅଂଶରେ ସାମ୍ୟତା ଥିଲେହେଁ ନିମ୍ନ ତାଳ କେତୋଟିର ନାମ ତଥା ଛନ୍ଦାଦିର ସ୍ୱାତନ୍ତ୍ର୍ୟ ଥିବା ଦେଖାଯାଏ । ସେଗୁଡ଼ିକ ହେଲ ଆଦି, ଆଡ଼ତାଳି, ଆଠତାଳି, ଖଣ୍ଡଝମ୍ପା, ଖେମଟା, ଝୁଲ, ପହପଟ । ଏ ତାଳ ଗୁଡ଼ିକ ଆଜକୁ ଶହ ଶହ ବର୍ଷ ପୂର୍ବରୁ ଆମ ପୂର୍ବପୁରୁଷମାନଙ୍କ ଦ୍ୱାରା ଏକ ଏକ ତାଳ ଭାବେ ସ୍ୱୀକୃତ ହୋଇ ଆସିଥିବାର ପ୍ରମାଣ ମିଳେ । ହେଲେ ଦୁର୍ଭାଗ୍ୟର କଥା ଆମେ ଏବେ ଏ ତାଳମାନଙ୍କ ସମ୍ବନ୍ଧେ କେତେକ ସ୍ଥଳେ ମତନୈକ ଓ କେତେକ ସ୍ଥଳେ ନାସ୍ତିସୂଚକ ବାଣୀ ଶୁଣାଇ ଗର୍ବରେ କହୁଛନ୍ତି- ନା, ଏ ତାଳଗୁଡ଼ା ଆମର ନୁହେଁ । ଏ ତାଳ ଗୁଡ଼ିକ ଏକ ଏକ ତାଳ ନୁହେଁ, ସେ ଗୁଡ଼ା କେବଳ ଗୋଟିଏ ତାଳର ଭିନ୍ନ ଭିନ୍ନ ଛନ୍ଦ । ହାଇରେ କପାଳ, ଧନ୍ୟ ଆମ ବିଚାର, ଧନ୍ୟ ଆମ ବିଚାର ପଣିଆ. ଆଜି ଦେଶର ଆନ୍ୟାନ୍ୟ ସମସ୍ତ ଜାତି ନିଜ ନିଜର ସଂସ୍କୃତି ସାହିତ୍ୟ ଆଦି ଦିଗରେ ନୂତନ ଅବିସ୍କାର ତଥା ଅନ୍ୟର ଉନ୍ନତ ସଙ୍ଗୀତ ସାହିତ୍ୟ ଏପରିକି ସାହିତ୍ୟକାରଙ୍କୁ କଳେବଳେ କୌଶଳେ ଅଧିକାର କରିବାକୁ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ଚେଷ୍ଟିତ ଥିବାବେଳେ, ଆମେ ଆମ ବାପ ଅଜାଙ୍କ ନିଜସ୍ୱ ସମ୍ପତ୍ତି ତଥା ସଗତାଳମାନ ରକ୍ଷା କରିବାକୁ ସକ୍ଷମ ହୋଇପାରୁ ନାହାନ୍ତି । ଏହାହିଁ ସବୁଠାରୁ ଦୁଃଖର ବିଷୟ ।

ମୁଁ ଏଠାରେ ବିନୟର ସହିତ କହୁଛି କି, ଅଦ୍ୟାବଧି ଆମେ ଭାବିନାହାନ୍ତି ଯେ, ଜେବଳ ରୋଟିଏ ଆଠମାତ୍ରିକ ତାଳର ଆବଶ୍ୟକତା ପାଇଁ ଆଜି ଆମେ କର୍ଣ୍ଣଟକୀ ସଙ୍ଗୀତ ସମ୍ପ୍ରଦାୟ ତାଳର ଜାତିଭେଦ ପ୍ରଥାକୁ ମୁଣ୍ଡପାତି ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି । କାରଣ ଆଠମାତ୍ରା ତାଳଟି ଏକ ଅତ୍ୟନ୍ତ ଉପଯୋଗୀ ତଥା ଏକାନ୍ତ ଆବଶ୍ୟକୀୟ ତାଳ, ବିଚାର କରି ଦେଖିଲେ ଏ ତାଳ ସମ୍ବନ୍ଧେ ଆମର ଶାସ୍ତ୍ରସମ୍ମତ ଭାବେ ଯେତେ ପ୍ରାମାଣିକ ତଥ୍ୟ ଅଛି ହୁଏତ ଅନ୍ୟର ନାହିଁ । ତଥାପି ଆମେ ଅନ୍ୟଠାରେ ମୁଣ୍ଡ ଗୁଞ୍ଜିବାକୁ ବୀରତ୍ୱର ସହିତ ଆଗେଇ ଯାଉଛନ୍ତି ।

